### ଶିକ୍ଷା ବିଭାଗରେ ଲାଗିଲା କଳାଦାଗ

# ଖଣି ଅଧିକାରୀ କହି ଫାଇନ୍ ଆଦାୟ କରୁଥିଲେ ଶିକ୍ଷକ



**ବିଷମ କଟକ,୧୦।୧(ସମିସ)**

ଗତ ରବିବାର ଦୁଇଜଣ ବ୍ୟକ୍ତି ନିଜକୁ ଖଣି ଅଧିକାରୀ କହି ଗୁଣୁପୁର ଉପଖଣ୍ଡ ଅଞ୍ଚଳରେ ବିଭିନ୍ନ ବାଲି ବୋଝେଇ ଟ୍ରାକ୍ଟରକୁ ଅଟକାଇ ଫାଇନ୍ ଆଦାୟ କରୁଥିଲେ। ଏ ନେଇ ଗୁଣୁପୁରର ଗଣମାଧ୍ୟମ ପ୍ରତିନିଧିମାନେ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଅଧିକାରୀମାନଙ୍କ ପରିଚୟ ପଚାରି ବୁଝିବାବେଳେ କେହିହେଲେ ସନ୍ତୋଷଜନକ ଉତ୍ତର ନ ଦେଇ ସେମାନେ ସେହି ସ୍ଥାନ ଛାଡ଼ି କାରରେ ଚମ୍ପଟ ମାରିଥିଲେ। କିନ୍ତୁ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ଗତିବିଧି ଏବଂ ଚେହେରା କ୍ୟାମେରାରେ କଏଦ ହୋଇଥିଲା। ଏ ନେଇ ସୋମବାର ବିଭିନ୍ନ ଟିଭି ଚ୍ୟାନାଲ ଏବଂ ଖବର କାଗଜରେ ଫଟୋ ମଧ୍ୟ ପ୍ରକାଶ ପାଇଥିଲା। ଦୁଇଜଣ ଅଧିକାରୀଙ୍କ ମଧ୍ୟରୁ ଜଣକର ପରିଚୟ ମିଳି ନ ଥିବାବେଳେ ଅନ୍ୟ ଜଣେ ବିଷମ କଟକ ବ୍ଲକ ଶିକ୍ଷା ବିଭାଗ ଅଧୀନରେ ରହିଥିବା କୁମ୍ଭାର ଧାମୁଣି କ୍ଲଷ୍ଟର ସିଆରସିସି ଦେମୂର୍ତ୍ତୀ ପାତିକା ବୋଲି ବ୍ଲକ୍ ଶିକ୍ଷା ଅଧିକାରୀ ନବୀନ ଚନ୍ଦ୍ର ଖରା ସ୍ପଷ୍ଟ କରିଛନ୍ତି। ଏଥି ସହିତ ସେ ଦୀର୍ଘ ଦିନ ହେବ କାର୍ଯ୍ୟାଳୟରେ ଅନୁପସ୍ଥିତ ରହିବା ସହ ନିଜ ଦାୟିତ୍ୱକୁ ସୂଚାରୁ ରୂପେ ପରିଚାଳନା କରୁ ନ ଥିବା ମଧ୍ୟ ପ୍ରକାଶ କରିଛନ୍ତି। ବିଭିନ୍ନ ସମୟରେ ତାଙ୍କୁ ତାଗିଦ୍ କରାଯାଉଥିଲେ ମଧ୍ୟ ସେ ନିର୍ଦ୍ଦେଶକୁ ଭ୍ରୁକ୍ଷେପ କରୁ ନ ଥିବା ମଧ୍ୟ ବ୍ଲକ୍ ଶିକ୍ଷା ଅଧିକାରୀ କହିଛନ୍ତି। ଯେଉଁ ଶିକ୍ଷକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବ ସେ ଶିକ୍ଷକ ଏଭଳି ବେଆଇନ କାର୍ଯ୍ୟରେ ଲିପ୍ତ ରହିବା ଏହା ସମାଜ ପ୍ରତି ଖରାପ ପ୍ରଭାବ ପଡ଼ିବ। ଜଣେ ସିଆରସିସି ଏବଂ ଜଣେ ଶିକ୍ଷକଙ୍କ ଏଭଳି କାର୍ଯ୍ୟକଳାପକୁ ସମସ୍ତ ମହଲରେ ଘୋର୍ ନିନ୍ଦା କରାଯାଇଥିବାବେଳେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ପ୍ରକାଶ ପାଇଥିବା ଖବରକୁ ନେଇ ଦୁଇ ଜଣ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ଉପରେ ତଦନ୍ତଭାର ନ୍ୟସ୍ତ କରିଥିବାର ସୂଚନା ମିଳିଛି। ତଦନ୍ତ ରିପୋର୍ଟ ହସ୍ତଗତ ହେବା ପରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ସୁପାରିସ୍ କରାଯିବ ବୋଲି ପ୍ରକାଶ କରିଛନ୍ତି।

ସୂଚନା ଥାଉକି, ରବିବାର ସକାଳେ ଜଣେ ଯୁବକ ନିଜକୁ ଖଣି ବିଭାଗରେ କାମ କରୁଥିବା ପରିଚୟ ଦେଇ ବଂଶଧାରା ନଦୀରୁ ଆସୁଥିବା ବାଲି ବୋଝେଇ ଟ୍ରାକ୍ଟର ୪ଟିକୁ ବାଇପାସ୍ ରୋଡ୍ ନିକଟରେ ଅଟକ ରଖି ଯାଞ୍ଚ କରିଥିଲେ। ଆବଶ୍ୟକୀୟ କାଗଜପତ୍ର ନ ଥିବାରୁ ଚଢ଼ା ଜରିମାନା ମାଗୁଥିଲେ। ନକଲି ଖଣି ଅଧିକାରୀ ଜଣାପଡ଼ିବା ପରେ ସେ ହଡ଼ବଡ଼େଇ ଯାଇ ଅସଲି ଖଣି ଅଧିକାରୀଙ୍କୁ ଡାକ ପକାଇଥିଲେ। ଏହାପରେ ଅସଲି ଖଣି ଅଧିକାରୀ ନିଜର ସାଙ୍ଗ ନକଲି ଅଧିକାରୀଙ୍କୁ ସୁରକ୍ଷା ଦେବା ସହ ଟ୍ରାକ୍ଟରଗୁଡ଼ିକରୁ ୪୦ ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ। ନକଲି ଖଣି ଅଧିକାରୀ ଗଣମାଧ୍ୟମକୁ ଦେଖିବା ପରେ ହଡ଼ବଡ଼ ହୋଇ ନିଜ ମୁହଁକୁ ଲୁଚାଇଥିଲେ। ପରବର୍ତ୍ତୀ ସମୟରେ ଥାନାକୁ ଯିବି କହି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ଏହି ସମୟରେ ଉଭୟଙ୍କ ଫଟୋ ଓ ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସେଥି ମଧ୍ୟରୁ ଜଣେ ଶିକ୍ଷା ବିଭାଗର ଶିକ୍ଷକ ତଥା ସିଆରସିସି ବୋଲି ଜଣାପଡ଼ିଛି। ଏଭଳି ବେଆଇନ କାର୍ଯ୍ୟରେ ଲିପ୍ତ ଥିବା ଶିକ୍ଷକଙ୍କ ଉପରେ ଆଗକୁ କେଉଁ ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତାକୁ ନେଇ ସମସ୍ତେ ଅପେକ୍ଷା କରିଛନ୍ତି।

➤ ଅଭିଯୁକ୍ତ କୁମ୍ଭାର ଧାମୁଣି କ୍ଲଷ୍ଟରର ସିଆରସିସି ବୋଲି ସ୍ପଷ୍ଟକଲେ ବିଇଓ
➤ ଦୁଇ ବ୍ଲକ ଶିକ୍ଷାଧିକାରୀଙ୍କୁ ତଦନ୍ତ ଦାୟିତ୍ୱ

## ୟୁକୋ ବ୍ୟାଙ୍କର ପ୍ରତିଷ୍ଠା ଦିବସ



**ମାଲକାନଗିରି,୧୦।୧(ସମିସ):** ମାଲକାନଗିରି ଜିଲ୍ଲା ସଦର ମହକୁମାରେ ଥିବା ୟୁକୋ ବ୍ୟାଙ୍କରେ ୮୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଶାଖା ପରିଚାଳକ ବିଭିନ୍ନ ବ୍ୟାବସାୟିକ ଅନୁଷ୍ଠାନ ଓ କଣ୍ଟ୍ରାକ୍ଟର ଖାତାଧାରୀମାନଙ୍କୁ ନେଇ ବ୍ୟାଙ୍କରେ କେକ୍ କାଟି ପ୍ରତିଷ୍ଠା ଦିବସ ପାଳନ କରିଥିଲେ। ୟୁକୋ ବ୍ୟାଙ୍କ ୧୯୪୩ ମସିହାରେ ସ୍ଥାପିତ ହୋଇଥିଲାବେଳେ ମାଲକାନଗିରି ଜିଲ୍ଲାରେ ୨୦୧୨ରେ ବ୍ୟାଙ୍କ କାର୍ଯ୍ୟକାରୀ ହୋଇଥିଲା। ୟୁକୋ ବ୍ୟାଙ୍କର କର୍ମଚାରୀମାନଙ୍କ ବ୍ୟବହାର ଓ କାର୍ଯ୍ୟ ଉପରେ ବିଶ୍ୱାସ ଓ ଭରସା କରି ବହୁ ଖାତାଧାରୀ ଖାତା ଖୋଲି ଚଳାଇଛନ୍ତି। ଏହି ଅବସରରେ ଶାଖା ପରିଚାଳକ ସୀମାଞ୍ଚଳ ଗମ୍ଫା, ଶାଖା ଉପ ପରିଚାଳକ ସୁବ୍ରତ ପୂଜାରୀ, କ୍ୟାସିୟର ଶିବ ପ୍ରସାଦ ପାଢ଼ୀ, କାର୍ଯ୍ୟାଳୟ ସେବକ ରମେଶ ଓଡି, କଣ୍ଟ୍ରାକ୍ଟର ହୃଦା, ରଞ୍ଜନ ସ୍ୱାଇଁ, ସୁଶୀଲ ଲେଙ୍କା, ସନ୍ତୋଷ କୁମାର ରାଉତ, ପି. ରାମା ରାଓଙ୍କ ଉପସ୍ଥିତିରେ କେକ୍ କାଟି ପ୍ରତିଷ୍ଠା ଦିବସ ପାଳନ କରିଥିଲେ।

## ଓଏମ୍‌ସି ଏମ୍‌ଡି ବଲୱନ୍ତ ସିଂଙ୍କ ଲକ୍ଷ୍ମୀପୁର ଗସ୍ତ



**ଲକ୍ଷ୍ମୀପୁର,୧୦।୧(ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଖଣି ଅଞ୍ଚଳକୁ ବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଓଏମସି ଏମଡି ବଲୱନ୍ତ ସିଂ ଗସ୍ତ କରିଛନ୍ତି। ସେ ଲକ୍ଷ୍ମୀପୁର ସ୍ଥିତ ଆଞ୍ଚଳିକ ଖଣି ପରିଚାଳନା କାର୍ଯ୍ୟାଳୟରେ ଓଏମସି କର୍ମଚାରୀଙ୍କ ସହିତ କୋଡ଼ିଙ୍ଗାମାଳିକୁ ଯାଇ ସେଠାରେ ସ୍ଥିତି ପରଖି ଫେରିଥିଲେ। ପୁଣି ସେଠାରୁ ଓଏମସି ଅନୁଦାନରେ ନିର୍ମାଣ ହୋଇଥିବା ୫ଟି ସାଙ୍ଗାନ୍ନା ଉଚ୍ଚ ବିଦ୍ୟାଳୟକୁ ଯାଇଥିଲେ। ସେଠାରେ ଶିକ୍ଷକଙ୍କ ସହିତ ଆଲୋଚନା କରିଥିଲେ। ବିଦ୍ୟାଳୟଟି ଯେଉଁ ଭଳି ଉଚ୍ଚକୋଟିର ଏବଂ ଓଡ଼ିଶାରେ ଦ୍ୱିତୀୟ ୫ଟି ବିଦ୍ୟାଳୟ ହୋଇଛି ସେଭଳି ଶିକ୍ଷାଦାନ ପ୍ରଣାଳୀ ଉଚ୍ଚକୋଟିର ହେବା ଆବଶ୍ୟକ ବୋଲି କହିଥିଲେ। ଶିକ୍ଷା ହିଁ ମଣିଷକୁ ସର୍ବୋଚ୍ଚ ସ୍ଥାନ ଦେଇଥାଏ। ଛାତ୍ରଛାତ୍ରୀ କିଭଳି ଉନ୍ନତମାନର ଶିକ୍ଷା ଗ୍ରହଣ କରିବେ ସେଥିପାଇଁ ଶିକ୍ଷକ ଜାଗୃତି ହେବା ଆବଶ୍ୟକ ବୋଲି ଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଗାମୀ ଦିନରେ ଶିକ୍ଷାଦାନ ଜାଣିବା ପାଇଁ ବାହାରୁ ଶିକ୍ଷକ ଆଣି ଛାତ୍ରଛାତ୍ରୀଙ୍କ ଜ୍ଞାନ ଉପରେ ପରୀକ୍ଷାମୂଳକ କରାଯିବ ବୋଲି ମଧ୍ୟ ସେ କହିଥିଲେ। ସୂଚନା ଥାଉକି, ମଙ୍ଗଳବାର ଦିଲ୍ଲୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ରାଷ୍ଟ୍ରୀୟ ଖେଳ ପ୍ରୋତ୍ସାହନ ପୁରସ୍କାର ପାଇ ସେଠାରୁ ସିଧାସଳଖ ଫ୍ଲାଇଟ ଯୋଗେ ବିଶାଖାପାଟଣା ଆସି ସେଠାରୁ କୋରାପୁଟ ଓ ପରଦିନ ଲକ୍ଷ୍ମୀପୁର ଆସିଥିବା ଜଣାପଡ଼ିଛି। ଏହି ଗସ୍ତ ସମୟରେ ଆଞ୍ଚଳିକ ଖଣି ପରିଚାଳକ କାଠି ପ୍ରଧାନ, ଖଣି ପରିଚାଳକ ହେମନ୍ତ କୁମାର ବେହେରା, ପରିଚାଳକ ସୁରେନ୍ଦ୍ର ମାଝୀ, ଏମଡିଙ୍କର ସ୍ୱତନ୍ତ୍ର ନିର୍ଦ୍ଦେଶକ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଶ୍ରୀ ସିଂଙ୍କୁ ପ୍ରଥମେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ଗସ୍ତ ସମୟରେ ବିଡିଓ ଗୁରେଶ୍ୱର ଭୋଇ ଉପସ୍ଥିତ ଥିଲେ।

## ସାଧାରଣତନ୍ତ୍ର ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ



**ମାଲକାନଗିରି,୧୦।୧(ସମିସ)**

ମାଲକାନଗିରି ଜିଲ୍ଲା ସଦରରେ ଥିବା ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ରଠାରେ ସାଧାରଣତନ୍ତ୍ର ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବିଭାଗର ବେଦବର ପ୍ରଧାନ ଅଧ୍ୟକ୍ଷତା କରି ସାଧାରଣତନ୍ତ୍ର ଦିବସ ପାଳନର ପ୍ରସ୍ତୁତି ନେଇ ଆଲୋଚନା କରିଛନ୍ତି। ପ୍ରତିଟି ଭାରତୀୟଙ୍କ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ଏହି ମହାନ ଦିବସ ସହ ସମସ୍ତଙ୍କ ଭାବାବେଗ ଜଡ଼ିତ ହୋଇଥିବାରୁ ଉତ୍ସବ ଆୟୋଜନରେ ସମସ୍ତ ବିଷୟକୁ ଟିକିନିଖି ଭାବେ ଗୁରୁତ୍ୱ ଦେବାକୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପରେଡ୍ ଓ ପତାକା ଉତ୍ତୋଳନ ସ୍ଥାନଠାରେ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯିବ। ପ୍ରଭାତରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ରାମଧୁନ ପରିବେଷଣ ଓ ଉତ୍ସବ ସ୍ଥଳରେ ସାଜସଜ୍ଜା ଇତ୍ୟାଦି ବିଷୟରେ ଆଲୋଚନା କରଯାଇଥିଲା। ବିଭିନ୍ନ କାର୍ଯ୍ୟରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବ ବୋଲି ମଧ୍ୟ ଆଲୋଚନା କରାଯାଇଛି। ସେହିପରି ଡିଏନକେ ପଡ଼ିଆଠାରେ ୨୨, ୨୩ ଓ ୨୪ ତାରିଖରେ ପରେଡ୍ ଅଭ୍ୟାସ ହେବ। ୧୬ ତାରିଖ ସୁଦ୍ଧା ସମସ୍ତ ଶିକ୍ଷାନୁଷ୍ଠାନକୁ ପରେଡରେ ଭାଗ ନେବା ପାଇଁ ତାଲିକା ପଠାଇବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜିଲ୍ଲା ଶିକ୍ଷା ବିଭାଗକୁ ସମସ୍ତ ପ୍ରତିଯୋଗିତା ଆୟୋଜନ କରିବା ପାଇଁ କୁହାଯାଇଛି। ବିଭିନ୍ନ ବିଭାଗ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କରିବେ ବୋଲି ଏଠାରେ ଆଲୋଚନା ହୋଇଛି। ମୁଖ୍ୟ ଅତିଥି ପରେଡ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଶିଶୁ ଗୃହରେ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ବୈଠକରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସମସ୍ତ ବିବରଣୀ ପାଠ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକସମ୍ପର୍କ ବିଭାଗର କର୍ମଚାରୀ, ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ମହାବିଦ୍ୟାଳୟ ଓ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ବ୍ଲେଡ୍‌ରେ ବେକ କାଟି ଯୁବକଙ୍କ ଆତ୍ମହତ୍ୟା

**ବନ୍ଧୁଗାଁ,୧୦।୧(ସମିସ):** କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ କୁଟ୍ରାବେଡ଼ା ପଞ୍ଚାୟତ ମହାଗୁଡ଼ା ଗ୍ରାମର ଜଣେ ଯୁବକ ନିଜ ଘରେ ବ୍ଲେଡରେ ନିଜ ବେକକୁ କାଟି ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ଜଣକ ଆଇଲୁ ମେଲେକା(୩୦) ବୋଲି ଜଣାପଡ଼ିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଆଇଲୁ ମେଲେକା (୩୦) ମାନସିକ ବିକାରଗ୍ରସ୍ତ ଥିଲେ। ସୋମବାର ନିଜ ମାଆ ଓ ଭଉଣୀ ଘର ବାହାରେ ନିଆଁ ଲଗାଇ ଥଣ୍ଡାରୁ ରକ୍ଷା ପାଇବା ପାଇଁ ବସିଥିଲେ। ରାତି ୯ଟା ସମୟରେ ହଠାତ ଆଇଲୁ ଘର ଭିତରକୁ ପ୍ରବେଶ କରି ନିଜ ଘରର କୋଠରି ଭିତରପଟୁ ବନ୍ଦ କରିଦେଇଥିଲେ। ଅଳ୍ପ କିଛି ସମୟ ପରେ ଯୁବକଙ୍କ ଏକ ଅଜବ ଶବ୍ଦ ଶୁଣିବା ପରେ ବାହାରେ ବସିଥିବା ତାଙ୍କ ମାଆ ଓ ଭଉଣୀ ଦୁହେଁ କୋଠରି ପାଖକୁ ଆସିଥିଲେ। ପୁଅ କିଛି ନ କହିବା ଯୋଗୁଁ ମାଆ-ଝିଅ ଦୁହେଁ ବାଧ୍ୟ ହୋଇ କବାଟକୁ ଶାବଳ ଦ୍ୱାରା ଖୋଲି ଘର ଭିତରକୁ ଯିବା ପରେ ଆଇଲୁ ଏକ ଧାରୁଆ ବ୍ଲେଡ୍ ସାହାଯ୍ୟରେ ନିଜ ବେକକୁ କାଟି ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ମଙ୍ଗଳବାର ନିଜ ବଡ଼ ଭାଇ ଧୀରେନ୍ଦ୍ର ମେଲେକା ବନ୍ଧୁଗାଁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ବୁଧବାର ଶବକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୁଲିସ୍ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଏଏସଆଇ ସୁରେନ୍ଦ୍ର ହୁଇକଙ୍କ ଦ୍ୱାରା ଅଧିକ ତଦନ୍ତ କରୁଥିବା ଜାଣିବାକୁ ମିଳିଛି।

## କୋଟପାଡ଼ ମିରିଗୁଡ଼ାରେ ଏନ୍ଏଚ୍ ବାଇପାସ୍ ରାସ୍ତାର ଭୂମିପୂଜନ



**କୋଟପାଡ଼, ୧୦।୧(ସମିସ):**

ସ୍ଥାନୀୟ ବ୍ଲକ୍ ଅନ୍ତର୍ଗତ ମିରୀଗୁଡ଼ାରେ ଏନଏଚ୍ ବାଇପାସ ରାସ୍ତା ପାଇଁ ଭୂମିପୂଜନ ଅନୁଷ୍ଠିତ ହୋଇଯାଇଛି। ଏହି ଭୂମିପୂଜନ କୋଟପାଡ଼ ନିର୍ବାଚନମଣ୍ଡଳୀର ବିଧାୟିକା ପଦ୍ମିନୀ ଦିଆନଙ୍କ ଉପସ୍ଥିତିରେ କରାଯାଇଥିଲା। ଏହି ସମୟରେ ଏନଏଚର ଏସଡିଓଙ୍କ ସହିତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ବିଶେଷ କରି ଏହି ଭୂମିପୂଜନ ସମୟରେ କୋଟପାଡ଼ ବିଧାୟିକାଙ୍କ ସହିତ ସାଂସଦ ପ୍ରତିନିଧି ସୁଶାନ୍ତ ବକ୍ସି, ବିଧାୟିକା ପ୍ରତିନିଧି ପ୍ରଦୀପ ବକ୍ସି, ବିଜେଡି ସଭାପତି ଆରିଫ ପଟେଲ୍, ମହମ୍ମଦ ସଲିମ୍, କୁଞ୍ଜ ବୈଦ୍ୟ ତଥା ବୋରିଗୁମ୍ମା ଓ କୋଟପାଡ଼ ଅଞ୍ଚଳର ବିଜୁ ଜନତା ଦଳର ସମସ୍ତ କର୍ମୀ ଉପସ୍ଥିତ ଥିଲେ। ଆଗାମୀ ୨ ବର୍ଷ ମଧ୍ୟରେ ଏହି ବାଇପାସ୍ ରାସ୍ତା କାର୍ଯ୍ୟ ସମାପନ କରିବାକୁ ଚେଷ୍ଟା କରିବୁ ବୋଲି ଏନଏଚ୍ କର୍ମଚାରୀ ପ୍ରକାଶ କରିଥିଲେ। ଏହି ପୂଜାରେ ଶଶାହାଣ୍ଡି ପୁରୋହିତ ସହଯୋଗ କରିଥିଲେ। ବିଧାୟିକା ଓ ସମସ୍ତ ବିଜେଡି କର୍ମୀ ପୁଷ୍ପାଞ୍ଜଳି ଦେଇ କାର୍ଯ୍ୟକ୍ରମକୁ ସମାପନ କରିଥିଲେ। ସୂଚନା ଥାଉକି, ଏହି ଏନଏଚ୍ ବାଇପାସ ରୋଡର ସମୁଦାୟ ଅଟକଳ ୫୧ କୋଟି ଓ ଏହାର ଦୂରତା ୧୪ କିଲୋମିଟର ଏବଂ ଏହି କାର୍ଯ୍ୟକୁ ୧୮ ମାସ ମଧ୍ୟରେ ସମାପ୍ତ ପାଇଁ ଧାର୍ଯ୍ୟ କରାଯାଇଛି ବୋଲି ରାଜଲକ୍ଷ୍ମୀ କନଷ୍ଟ୍ରକ୍ସନ କର୍ମଚାରୀ ଗଣମାଧ୍ୟମଙ୍କୁ ସୂଚନା ଦେଇଛନ୍ତି।

## ଅର୍ପଣ ରଥ ପାଇଁ କୁନ୍ଦୁରାରେ ଭକ୍ତିମୟ ପରିବେଶ



**କୁନ୍ଦୁରା,୧୦।୧(ସମିସ):** କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅର୍ପଣ ରଥ ପ୍ରତି ଗ୍ରାମ ପଞ୍ଚାୟତରେ ଗୁଆ ଓ ଚାଉଳ ସଂଗ୍ରହ କରୁଥିବାରୁ ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। କୁନ୍ଦୁରା ପଞ୍ଚାୟତ ସମିତି ଅଧୀନରେ ଥିବା ୧୬ଟି ଗ୍ରାମ ପଞ୍ଚାୟତକୁ ଦୁଇ ଭାଗରେ ବିଭକ୍ତ କରାଯାଇ ପ୍ରଥମ ଦିନରେ ଜୋନ୍ ଖ'ରେ ଅର୍ପଣ ରଥ ଯାତ୍ରା କରିଥିବାବେଳେ ଦ୍ୱିତୀୟ ଦିନରେ ଜୋନ୍ କ'ରେ ବୁଲିଛି। ମହିଳା ଏବଂ ପୁରୁଷମାନେ ଅର୍ପଣ ରଥ ସହିତ ସଂକୀର୍ତ୍ତନ ମଣ୍ଡଳୀ ସହ ଗ୍ରାମ ଗ୍ରାମ ବୁଲି ଗୁଆ ଓ ଚାଉଳ ସଂଗ୍ରହ କରୁଥିବାର ଦେଖିବାକୁ ମିଳୁଛି। ପୁରୀ ଧାମରେ ନିର୍ମିତ ପରିକ୍ରମା ପ୍ରକଳ୍ପର ଶୁଭାରମ୍ଭ ନେଇ ଗ୍ରାମାଞ୍ଚଳଗୁଡ଼ିକରେ ଅର୍ପଣ ରଥ ମାଧ୍ୟମରେ ଭକ୍ତିପୂର୍ଣ୍ଣ ଧାର୍ମିକ ପରିବେଶ ସୃଷ୍ଟି ହେଉଥିବା ଲୋକେ କଥାବାର୍ତ୍ତା ହେଉଥିବା ଶୁଣିବାକୁ ମିଳୁଛି। ପ୍ରାୟ ୧୦୦୦ ଲୋକଙ୍କ ନିମନ୍ତେ ପ୍ରତି ଗ୍ରାମ ପଞ୍ଚାୟତ ସଦର ମହକୁମାରେ ଅନ୍ନ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ମହିଳାମାନେ ମଧ୍ୟ ଅର୍ପଣ ରଥ ଦେଖି ଶ୍ରୀଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରାଙ୍କୁ ଦର୍ଶନ କରିବା ସହ ଗୁଆ ଓ ଚାଉଳ ଦେଇ ନଡ଼ିଆ ଭାଙ୍ଗି ପୂଜା କରିଥିଲେ। କିଛି ଗ୍ରାମରେ ଅର୍ପଣ ରଥକୁ ସ୍ୱାଗତ କରିବା ନିମନ୍ତେ ଜନସମୁଦ୍ର ଦେଖିବାକୁ ମିଳିଥିଲା। ଅଞ୍ଚଳରେ ଅର୍ପଣ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ନିମନ୍ତେ ଲୋକଙ୍କ ସୁଅ ଛୁଟୁଥିବାବେଳେ ଲୋକେ ସେତିକି ଅନନ୍ଦିତ ଅର୍ପଣ ରଥକୁ ଦେଖିବା ପାଇଁ। ଜଗନ୍ନାଥ ପ୍ରେମୀ ନିଜ ଘର ସମ୍ମୁଖରେ ବିଭିନ୍ନ ପ୍ରକାରର ମୁରୁଜ ଜଗନ୍ନାଥ ମହାପ୍ରଭୁଙ୍କ ଚିତ୍ର କରି ସ୍ୱାଗତ କରିଥିଲେ। ଏହି ଅର୍ପଣ ରଥ ସହ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ଆଇନଜୀବୀ କାହ୍ନୁ ଚରଣ ନାୟକ, ରମାକାନ୍ତ ମିଶ୍ର, ଅଭୟାନନ୍ଦ ଭଟ୍ଟ, ଉମାକାନ୍ତ ମିଶ୍ର, ପ୍ରଦୀପ ନାୟକ, ଗୌରାଙ୍ଗ ପ୍ରଧାନ, ବିକ୍ରମ ବେହେରା, ଅଜୟ ସାହୁ, ଘାସି ଭତ୍ରା ପ୍ରମୁଖ ଅର୍ପଣ ରଥ ସହ ରହିଥିଲେ।

### କୋରାପୁଟ ବନାଞ୍ଚଳରେ ପକ୍ଷୀଗଣନା

# ୫ଟି ସ୍ଥାନରୁ ୨୭ ପ୍ରଜାତିର ୨୩୮୩ ପକ୍ଷୀ ଚିହ୍ନଟ





**କୋରାପୁଟ,୧୦।୧(ସମିସ):**

କୋରାପୁଟ ବନାଞ୍ଚଳ ଅଧୀନ କୋଲାବ ଜଳଭଣ୍ଡାର, ଦାମନଯୋଡ଼ି ଆସପଣ୍ଡ, ଡଙ୍ଗ୍ରି ମାଳିଗୁଡ଼ା ଡ୍ୟାମ, ବାଗ୍ରା ଜଳଭଣ୍ଡାର ଓ ରାଣୀଗଡ଼ ଡ୍ୟାମରେ ପକ୍ଷୀଗଣନା ଶେଷ ହୋଇଛି। ଏହି ଏକଦିବସୀୟ ପକ୍ଷୀଗଣନା କାର୍ଯ୍ୟକ୍ରମରେ ମୋଟ ୫ଟି ଟିମ ଥିବାବେଳେ ପ୍ରତି ଟିମରେ ଜଣେ ଲେଖାଏଁ ଫରେଷ୍ଟର, ଜଣେ ଫରେଷ୍ଟ ଗାର୍ଡ, ତିନିଜଣ ପାରା ଫରେଷ୍ଟର କର୍ମୀ, ଜଣେ ପକ୍ଷୀ ଗଣନାକାରୀ କ୍ୟାମେରା ମ୍ୟାନ, ବାଇନାକୁଲର୍, ଜିପିଏସ୍ କ୍ୟାମେରା ଓ ଜରୁରିକାଳୀନ ଖାଦ୍ୟ ନେଇ ନିଜ ଅଞ୍ଚଳରେ ସକାଳ ୫.୩୦ରେ ପହଞ୍ଚି ପୂର୍ବାହ୍ନ ୧୧ଟାରେ ପକ୍ଷୀ ଗଣନା ଶେଷ କରିଥିବା କୋରାପୁଟ ବନାଞ୍ଚଳ ଅଧିକାରୀ ବିକାଶ ପାତ୍ର କହିଛନ୍ତି। ଚଳିତ ବର୍ଷ ୫ଟି ସ୍ଥାନରୁ ୨୭ ପ୍ରଜାତିର ୨୩୮୩ଟି ପକ୍ଷୀ ଚିହ୍ନଟ ହୋଇଥିବା ସେ କହିଛନ୍ତି। ନର୍ଥରନ ପେନଟିଲ ୪୧୪ଟି ଓ ବ୍ରାହ୍ମଣ ସେଲଡକ ୧୧୬୪ଟି, ସବୁଠାରୁ ଅଧିକ ପରିମାଣର ପକ୍ଷୀ ଚିହ୍ନଟ ହୋଇଥିବା ସେ ଜଣାଇଛନ୍ତି। କୋଲାବ ଜଳଭଣ୍ଡାରରେ ୧୨୧୫, ଦାମନଯୋଡ଼ି ଆସପଣ୍ଡରେ ୬୧୪, ଡଙ୍ଗ୍ରି ମାଳିଗୁଡା ଡ୍ୟାମରେ ୧୬୭, ବାଗ୍ରା ଜଳଭଣ୍ଡାରରେ ୮୭ ଓ ରାଣୀଗଡ଼ ଡ୍ୟାମରେ ୩୦୦ଟି ପକ୍ଷୀ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ଗତବର୍ଷ ୨୯୪୦ଟି ପକ୍ଷୀ ଗଣନା କରାଯାଇଥିବା ଚଳିତ ବର୍ଷ ପକ୍ଷୀ ସଂଖ୍ୟା ବୃଦ୍ଧି ପାଇଛି। ଖାଦ୍ୟର ଅଭାବ, ତାପମାତ୍ରା ବୃଦ୍ଧି ଏବଂ ସୁରକ୍ଷା ଦୃଷ୍ଟିରୁ ଚଳିତ ବର୍ଷ କୌଣସି ବିଦେଶୀ ପକ୍ଷୀ ଆସିନଥିବା ଜଣାପଡ଼ିଛି। କୋଲାବ ଜଳଭଣ୍ଡାର ପଣ୍ଡିଘାଟରେ ପକ୍ଷୀଗଣନା ସମୟରେ କୋରାପୁଟ ବନଖଣ୍ଡ ଅଧିକାରୀ କେଭି ଭାସ୍କର ରାଓ ଏବଂ ସହାକାରୀ ବନ ସଂରକ୍ଷକ ଉମା ମହେଶ ଉପସ୍ଥିତ ଥିଲେ।

● ଆସିନାହାନ୍ତି ବିଦେଶୀ

ADMISSION IS GOING ON
GAYATRI SCHOOL & COLLEGE OF NURSING
Under Gayatri Charitable Trust, Baripada
For the Course : ANM, GNM & B.Sc. Nursing
B.Sc. Nursing
Eligibility: +2 Science with Biology (PCB)
ANM & GNM
(Eligibility: +2 in any stream with minimum 40% marks for ST & SC Students & Minimum 45% marks for General category
Facilities: 1) Stipend for ST & SC students, 2) Separate Hostel for Boys & Girls, 3) A.C. Class Room & AC Lab, 4) Highly Qualified & Experience Faculties, 5) 100% Job security for our Pass out Students, 6) Scholarship for the students secured more than 80% Marks.
Contact
Sd/- Secretary
9438477846/9438160121/9337006245

# 'ନୂଆ-ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



**ପଡ଼ିଆ,୧୦।୧(ସମିସ):** ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ୍ ଅନ୍ତର୍ଗତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉରୁବାଲ୍ଲୀଠାରେ ବୁଧବାର ଓଡ଼ିଶା ସରକାରଙ୍କ ସମନ୍ୱିତ ଯୁବ ବିକାଶ ଯୋଜନାର 'ନୂଆ-ଓ, ଯୁବ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଯୁବପିଢ଼ିଙ୍କ ମଧ୍ୟରେ ଥିବା ବିଭିନ୍ନ କଳା ଓ ପ୍ରତିଭାର ବିକାଶ ପାଇଁ କ୍ରୀଡ଼ା, ସାଂସ୍କୃତିକ ଓ ସାମାଜିକ ସେବା କାର୍ଯ୍ୟକ୍ରମର ଆୟୋଜନ କରଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ଗିରିଜା କିଙ୍କର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ୍ ଶିକ୍ଷା ଅଧିକାରୀ ଅଶୋଭ ରଞ୍ଜନ ମାଳି ଉପସ୍ଥିତ ରହି ମଞ୍ଚ ପରିଚଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଡି. ବିଶ୍ୱନାଥ ରେଡ୍ଡି ଉପସ୍ଥିତ ହୋଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଶ୍ରୀ ରେଡ୍ଡି ପ୍ରକାଶ କରିଥିଲେ ଯେ ଯୁବ ପ୍ରତିଭା ଦେଶର ଭବିଷ୍ୟତ ଅଟନ୍ତି। ଛାତ୍ରଛାତ୍ରୀମାନଙ୍କୁ କ୍ରୀଡ଼ା, ସାଂସ୍କୃତିକ ଓ ସାମାଜିକ ସେବା ପରମ୍ପରା ଉପରେ ଅଧିକ ଗୁରୁତ୍ୱ ଦେବାକୁ ସେ ଉପଦେଶ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଡ. ଦିନନାଥ ପାଢ଼ୀ, ପୁସୁଗୁଡ଼ା ସରପଞ୍ଚ ରାବା ସୀତା, ପୂର୍ବତନ ସରପଞ୍ଚ ରାବା ରାମେ, ପୁସୁଗୁଡ଼ା ନାଏବ ସରପଞ୍ଚ ମିଡିଆମୀ ମୁତେ, ପୂର୍ବତନ ମୋଟୁ ସରପଞ୍ଚ ଦାରି ଲିଙ୍ଗା, ସୁବା ରାବା, ଉରୁବାଲ୍ଲୀ ଗ୍ରାମ ସଭାପତି, ଏସଏମସି ସଭାପତି କଟାମ ତମାୟା, ସିଆରସିସି ସମା ମାଡକାମୀ ପ୍ରମୁଖ ଯୋଗଦେଇଥିଲେ। ଏହାପରେ ପିଲାଙ୍କୁ ନେଇ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ଜିଲ୍ଲାସ୍ତରୀୟ 'ନୂଆ-ଓ' ଉତ୍ସବ

# ବିକାଶ ପଥରେ ଅଗ୍ରସର ହୋଇଛି ରାୟଗଡ଼ା: ମନ୍ତ୍ରୀ

**ରାୟଗଡ଼ା,୧୦।୧(ସମିସ):** ବିକାଶ ପଥରେ ଅଗ୍ରସର ହୋଇଛି ରାୟଗଡ଼ା। ବୁଧବାର ଜିଲ୍ଲାରେ ବହୁତ ଶିକ୍ଷାନୁଷ୍ଠାନ ଗଢ଼ି ଉଠିଛି ଏବଂ ଆଗକୁ ମଧ୍ୟ ସ୍ଥାପନ ହେବ। ଜିଲ୍ଲାରେ ଛାତ୍ରଛାତ୍ରୀମାନେ ପାଠ ପଢ଼ିବା ପରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ନିଯୁକ୍ତି ପାଇପାରିବେ। ଜିଲ୍ଲାରେ କ୍ରୀଡ଼ାର ବିକାଶ ପାଇଁ ଖେଳାଳିମାନଙ୍କ ନିମନ୍ତେ ଇନଡୋର ଷ୍ଟାଡିୟମ ନିର୍ମାଣ ହୋଇଛି। ନିର୍ମାଣ ଶେଷ ହୋଇ ଲୋକାର୍ପିତ ଅବସ୍ଥାରେ ଥିବା ପ୍ଲାନେଟୋରିୟମକୁ ଖୁବଶୀଘ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦଘାଟନ କରିବେ। କଲେଜଗୁଡ଼ିକରେ ଅଧ୍ୟାପକଅଧ୍ୟାପିକାଙ୍କ ଅଭାବ ରହିଛି। ଆଜି ମୁଖ୍ୟମନ୍ତ୍ରୀ ବହୁ ଅଧ୍ୟାପକଙ୍କୁ ନିଯୁକ୍ତି ଦେଇଛନ୍ତି। ଆସନ୍ତା ୧୫ଦିନ ପରେ ସର୍ଭିସ ସିଲେକ୍ସନ ବୋର୍ଡ ମଧ୍ୟ ଘରୋଇ କଲେଜଗୁଡ଼ିକରେ ଅଧ୍ୟାପକ ପଦ ପୂରଣ ପାଇଁ ବ୍ୟବସ୍ଥା କରୁଛି ବୋଲି ବୁଧବାର ରାୟଗଡ଼ା ସ୍ଥିତ ଜିଆଇଏସିଆର କଲେଜ ପଡ଼ିଆଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ 'ନୂଆ-ଓ' ଉତ୍ସବର ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ବକ୍ତବ୍ୟ ରଖିଛନ୍ତି।

ରାୟଗଡ଼ା ଜିଲ୍ଲାପାଳ ସ୍ୱଧାଦେବ ସିଂଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଦିବାସୀ କଲ୍ୟାଣ ଓ ଆଇନ ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକା, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ, ବିଏସକେୱାଇ ରାଜ୍ୟ ଉପଦେଷ୍ଟା ସୁଧୀର କୁମାର ଦାସ, ଓବିସି ଉପଦେଷ୍ଟା ପୃଥ୍ୱୀରାଜ ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଜିଲ୍ଲା ଅଧ୍ୟକ୍ଷା ଅନୁସୂୟା ମାଝି, ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲ୍ଲା ସଂଯୋଜକ ପି.ଗୌରୀ ଶଙ୍କର ରାଓ ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଦିନ ଥିଲା ଓଡ଼ିଶାରେ ଲୋକଙ୍କୁ ଚାଉଳ ଖାଇବାକୁ ଅଭାବ ଥିଲା। ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମ କ୍ରମେ ଆମ ରାଜ୍ୟ ସବୁଠୁ ଅଧିକା ଚାଉଳ ଉତ୍ପାଦନ କରି ସରପ୍ଲସ୍ ଷ୍ଟେଟ ହିସାବରେ ଭାରତ ଦେଶରେ ନାଁ କରିପାରିଛି। ରାଜ୍ୟ ବାହାର ଲୋକେ ଓଡ଼ିଶା କହିଲେ ଜାଣିପାରୁ ନ ଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀ ବିଶ୍ୱସ୍ତରରେ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଜିଲ୍ଲାର ଯେଉଁ ଲୋକକଳା, ଲୋକନୃତ୍ୟ ରହିଛି ତାକୁ କେବଳ ଓଡ଼ିଶାରେ ନୁହେଁ, ସାରା ଭାରତ ବର୍ଷରେ ପରିଚୟ କରିବା ପାଇଁ ଆଜି ମୁଖ୍ୟମନ୍ତ୍ରୀ 'ନୂଆ-ଓ' ଉତ୍ସବ କାର୍ଯ୍ୟକ୍ରମ କରିଛନ୍ତି। ତେଣୁ ସବୁ ଯୁବକଯୁବତୀ ଏକାଠି ହେବା, ରାଜ୍ୟକୁ ଆଗକୁ ବଢ଼ିବା ପାଇଁ ସଂକଳ୍ପ ନେବା କହିବା ସହ କଲେଜଗୁଡ଼ିକରେ ପୂର୍ବରୁ ଘର ନ ଥିବାବେଳେ ଏବେ '୫-ଟି' ପ୍ରୋତ୍ସାହନରେ ସ୍ମାର୍ଟକ୍ଲାସ ନିର୍ମାଣ ହୋଇପାରିଛି। କଲେଜଗୁଡ଼ିକରେ ଥିବା ବିଭିନ୍ନ ସମସ୍ୟାର ସମାଧାନ କରାଯିବ ଏବଂ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ପାଇଁ ଏବଂ ନୃତ୍ୟ, ଗୀତ ଆଦି ସଂସ୍କୃତିରେ ଯେଉଁମାନେ ଆଗ୍ରହ ଅଛନ୍ତି ସେମାନଙ୍କୁ ଆଗକୁ ବଢ଼ିବା ପାଇଁ କଲେଜସ୍ତରରେ ପ୍ରତିଯୋଗିତା କରାଯାଉଛି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ନାୟକ ପ୍ରକାଶ କରିଥିଲେ। ସେହିପରି ଆଇନ ମନ୍ତ୍ରୀ ଶ୍ରୀ ସାରକା ମଧ୍ୟ ଜିଲ୍ଲାର କଳା, ସଂସ୍କୃତି, ପରମ୍ପରାକୁ ବଜାୟ ରଖିବା ତଥା ଉଜ୍ଜୀବିତ କରି ରଖିବା ପାଇଁ ମୁଖ୍ୟମନ୍ତ୍ରୀ ବହୁ ପ୍ରକାର ଯୋଜନା ପ୍ରଣୟନ କରୁଛନ୍ତି ବୋଲି କହିଥିବାବେଳେ ଅନ୍ୟ ଅତିଥିମାନେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିବା ସହ 'ନୂଆ-ଓ' ଉତ୍ସବ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଜିଲ୍ଲାସ୍ତରୀୟ ଏହି ଉତ୍ସବ କାର୍ଯ୍ୟକ୍ରମ ପାଳନ ଅବସରରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ଆର୍ଥିକ ପୁରସ୍କାର ସହ ପ୍ରଶଂସା ପତ୍ର ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ପାଇଁ ତଥା ମନୋରଞ୍ଜନ ନିମନ୍ତେ ଓଲିଉଡ୍ ଅଭିନେତା ବାବୁସାନ୍ ମହାନ୍ତି ଯୋଗ ଦେଇଥିବାବେଳେ କଣ୍ଠଶିଳ୍ପୀ ତାରିକ ଅଜିଜ୍, ଚାନ୍ଦି ପ୍ରସାଦ, ସୁଶ୍ରୀ ମାନସୀ ଦାସ ଯୋଗଦେଇଥିଲେ। ସେହିପରି ମୀରା ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ସୁନ୍ଦର ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା।



# କଂଗ୍ରେସରୁ ଇସ୍ତଫାଦେଲେ ରାମନାଗୁଡ଼ା ବ୍ଲକ୍ ଅଧ୍ୟକ୍ଷ

**ରାମନାଗୁଡ଼ା,୧୦।୧(ସମିସ)**

ରାୟଗଡ଼ା ଜିଲ୍ଲା ଗୁଣୁପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରାମନାଗୁଡ଼ା ବ୍ଲକ୍ ଅଧ୍ୟକ୍ଷ ରବି ଶଙ୍କର ଗମାଙ୍ଗ ବୁଧବାର ଜିଲ୍ଲା କଂଗ୍ରେସ ପ୍ରାଥମିକ ସଦସ୍ୟରୁ ଇସ୍ତଫା ପ୍ରଦାନ କରିଛନ୍ତି। ସୂଚନା ଥାଉକି, ରାମନାଗୁଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ରବି ଶଙ୍କର ଗମାଙ୍ଗ ପ୍ରଥମେ ୨୦୧୮ରେ ପୁଲିସ ଅଧିକାରୀ ଚାକିରିରୁ ଇସ୍ତଫା ଦେଇ ଲୋକମାନଙ୍କ ସହ ନିକଟତର ହୋଇ ଅଞ୍ଚଳବାସୀଙ୍କ ସେବା କରିବା ଉଦ୍ଦେଶ୍ୟରେ ବିଜେପିରେ ଯୋଗଦେଇ ଜିଲ୍ଲା ସମ୍ପାଦକ ପଦରେ ରହିଥିବାବେଳେ ୨୦୨୧ରେ ନିଜ ପଦ ସହ ଦଳରୁ ଇସ୍ତଫା ଦେଇଥିଲେ। ସେହିପରି ୨୦୨୨ ବେଳକୁ ରାମନାଗୁଡ଼ା ବ୍ଲକ୍ ଉକାମ୍ବା ପଞ୍ଚାୟତରେ ସମିତିସଭ୍ୟ ପ୍ରାର୍ଥୀ ରୂପେ ନିର୍ବାଚନ ଲଢ଼ିଥିବା ରବି ଶଙ୍କର ବିଜୟୀ ହୋଇଥିଲେ। ଆଉ ଗୋଟେ ପାଦ ଆଗକୁ ଯାଇ ରାମନାଗୁଡ଼ା ବ୍ଲକ୍ ଅଧ୍ୟକ୍ଷ ପଦ ମଧ୍ୟ ହାତେଇଥିଲେ। ସେହି ସମୟରେ କଂଗ୍ରେସରେ ବିଧିବଦ୍ଧ ଭାବେ ଯୋଗଦେଇଥିଲେ। କିନ୍ତୁ ବର୍ତ୍ତମାନ ସମୟରେ କଂଗ୍ରେସ ଦଳରେ ନୀତି ଓ ଆନୁଷ୍ଠାନିକ କାର୍ଯ୍ୟକ୍ରମ ଭିନ୍ନ ହେବା ଓ ସଠିକ୍ ପରିଚାଳନା ନ ହେବା କାରଣରୁ ଜିଲ୍ଲା କଂଗ୍ରେସ ସଭାପତିଙ୍କୁ ଇସ୍ତଫା ପତ୍ର ପ୍ରେରଣ କରିଥିବା ପ୍ରେସ ମିଟରେ ରବିଶଙ୍କର ସୂଚନା ଦେଇଛନ୍ତି। ତାଙ୍କ ସହ ଗୋଗୁପାଡୁ ସରପଞ୍ଚ ସଭାବତୀ ମଣ୍ଡାଙ୍ଗି, ବୁଥିଙ୍ଗ ସମିତିସଭ୍ୟ ଆପ୍ପାରାଓ ପାତିକା, ନିଲାମଗୁଡ଼ା ସମିତିସଭ୍ୟା ଭାରତୀ ପାତିକା, ପଦ୍ମପୁର ବ୍ଲକ ଯୁବ କଂଗ୍ରେସ ସମ୍ପାଦକ ଦେବରାଜ ଶବର, ଜିଲ୍ଲା ଏକଜିକ୍ୟୁଟିଭ୍ ସଭ୍ୟ ପ୍ରଦୀପ ଗମାଙ୍ଗ, ଗୁଡାରୀ ବ୍ଲକ୍ ମଧୁବନ ଗ୍ରାମ ପଞ୍ଚାୟତ ସରପଞ୍ଚ ବଂଶୀଧର ଶବର ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।






# ଦୁଇ ମାସ ହେଲା ପାଣି ପାଇବାରୁ ବଞ୍ଚିତ ୧୦୦ ପରିବାର




**କୋଲନରା/ମୁକୁନ୍ଦପୁର,୧୦।୧(ସମିସ):** କୋଲନରା ବ୍ଲକର ମୁକୁନ୍ଦପୁର ଗ୍ରାମରେ ପାନୀୟ ଜଳଯୋଗାଣ ପ୍ରକଳ୍ପ ଦ୍ୱାରା ଜଳଯୋଗାଣରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ୧୦୦ ପରିବାର।

ସୂଚନା ମୁତାବକ, ମୁକୁନ୍ଦପୁରବାସୀଙ୍କୁ ପର୍ଯ୍ୟାପ୍ତ ପରିମାଣର ପାନୀୟଜଳ ଘରକୁ ଘର ଯୋଗାଇବା ପାଇଁ ଆରଡବ୍ଲ୍ୟୁଏସଏସ୍ ପକ୍ଷରୁ ୩୦ ଲକ୍ଷ ଟଙ୍କା ବ୍ୟୟରେ ପାନୀୟଜଳ ପ୍ରକଳ୍ପ ଯୋଗାଇ ଦିଆଗଲା। ଗ୍ରାମରେ ୨୭୦ ଘରକୁ ହିଁ ପାଇପ୍ ଯୋଗେ ଘରକୁ ଘର ପାନୀୟଜଳ ବ୍ୟବସ୍ଥା ଯୋଗାଇ ଦିଆଯାଇଛି। ମୁକୁନ୍ଦପୁରରେ 'ବସୁଧା' ଯୋଜନାରେ ୧ ଲକ୍ଷ ଲିଟର ବିଶିଷ୍ଟ ପାଣି ଟାଙ୍କି ସ୍ଥାପନ କରାଯାଇଛି। ଆଜକୁ ପ୍ରାୟ ୨ ମାସ ହେବ ମୁଖ୍ୟ ବଜାର ସାହି, କଟକି କଲୋନୀ, ଆଦିବାସୀ ସାହିରେ ୧୦୦ ଘରକୁ ପାଣି ଆସୁ ନ ଥିବାରୁ ସେମାନେ ବହୁ ଅସୁବିଧା ଭୋଗୁଛନ୍ତି। ଉକ୍ତ ପାଣି ଟାଙ୍କିରୁ ଦୁଇ ଭାଗରେ ପାଣି ଛଡ଼ାଯାଉଛି। ଗୋଟିଏ ଭାଗରେ ମୁଖ୍ୟ ବଜାର ସାହି, ହରିଜନ ସାହିକୁ ଜଳଯୋଗାଣ କରାଯାଉଛି। ଆଉ ଗୋଟିଏ ଭାଗରେ ଗ୍ରାମର ଆଦିବାସୀ ସାହି, ବ୍ରାହ୍ମଣ ସାହି, ତଳ ସାହି, ଜଗନ୍ନାଥପୁରକୁ ଜଳ ଯୋଗାଇ ଦିଆଯାଉଛି। ଆଜକୁ ଦୀର୍ଘ ଦୁଇ ମାସ ହେବ ପାଣି ଟାଙ୍କିର ଗାର୍ଡ ୱାଲଟି ଖରାପ ହେଇଯାଇଛି। ଯାହାଦ୍ୱାରା ଗ୍ରାମର ଗୋଟିଏ ଭାଗ ହିଁ ଜଳ ଯୋଗାଇ ଦିଆଯାଉଛି ଅନ୍ୟପଟଟି ନାହିଁ। ୧୦୦ ପରିବାର ସମ୍ପୂର୍ଣ୍ଣ ସରକାରଙ୍କ ଜଳଯୋଗାଣରୁ ବଞ୍ଚିତ ଅଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଯେ, ସରକାର ପ୍ରତ୍ୟେକ ଗ୍ରାମକୁ ବା ଘରକୁ 'ବସୁଧା' ଯୋଜନା ଦ୍ୱାରା ପାନୀୟଜଳ ଯୋଗାଇ ଦେଇଛନ୍ତି। ଆଉ ପ୍ରତ୍ୟେକ ଗ୍ରାମରେ ସକାଳ ଓ ସନ୍ଧ୍ୟାରେ ଦୁଇଓଳି ପାନୀୟଜଳ ଛଡ଼ାଯାଉଛି। କିନ୍ତୁ ମୁକୁନ୍ଦପୁର ଗୋଟିଏ ଓଳି ହିଁ ଗ୍ରାମରେ ପାନୀୟଜଳ ଯୋଗାଇ ଦିଆଯାଉଛି କାହିଁକି ବୋଲି ପ୍ରଶ୍ନ କରିଛନ୍ତି ଗ୍ରାମବାସୀ। ଗ୍ରାମବାସୀଙ୍କ ଦାବି ଦୁଇଓଳି ପାନୀୟଜଳ ଯୋଗାଇ ଦିଆଯାଉ। ପଞ୍ଚାୟତ ପ୍ରଶାସନ, ପଞ୍ଚାୟତର ସରପଞ୍ଚ, ପଞ୍ଚାୟତର ଗ୍ରାମସେବକ ଓ ଜଳଯୋଗାଣ ଯନ୍ତ୍ରୀଙ୍କୁ କହି କହି ଥକି ଗଲେଣି ସାହିବାସିନ୍ଦା। ସରପଞ୍ଚଙ୍କୁ ସ୍ଥାନୀୟ ଲୋକେ ଏହି ବିଷୟରେ ଅଭିଯୋଗ କରିବାରୁ ସରପଞ୍ଚ ଦେଖିବା କହି ଆଜକୁ ଦୁଇ ମାସ ବିତିଗଲାଣି କିନ୍ତୁ କୌଣସି ସୁଫଳ ମିଳିପାରିଲା ନାହିଁ। ସରକାରଙ୍କର ମାଳ ମାଳ ଯୋଜନାକୁ କୌଣସି ସରକାରୀ ଅଫିସର କର୍ଣ୍ଣପାତ କରୁନାହାନ୍ତି। ତୁରନ୍ତ ଏହି ସମସ୍ୟାର ସମାଧାନ ନ ହେଲେ ବ୍ଲକ୍ କାର୍ଯ୍ୟାଳୟ ଘେରଉ କରିବେ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ।

# ଗୌଡ଼ଗୁଡ଼ା ଆଦର୍ଶ ବିଦ୍ୟାଳୟ ପାଇଁ ପ୍ରବେଶିକା ପରୀକ୍ଷା

**ଲକ୍ଷ୍ମୀପୁର,୧୦।୧(ସମିସ)**

କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସ୍ଥିତ ସାଙ୍ଗାନା ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ସକାଳ ୯ଟାରୁ ଏହା ଆରମ୍ଭ ହୋଇଥିବାବେଳେ ଉକ୍ତ ପ୍ରବେଶିକା ପରୀକ୍ଷାରେ ଲକ୍ଷ୍ମୀପୁର ବ୍ଲକ୍ ପାଇଁ ସାଙ୍ଗାନା ଉଚ୍ଚ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀର ୮୮, ସପ୍ତମ ଶ୍ରେଣୀରେ ୪୯, ନବମ ଶ୍ରେଣୀରେ ୨୧ ଜଣ ଏପରି ମୋଟ ୧୫୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସବୁ ଶ୍ରେଣୀରୁ ମୋଟ ୧୯୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୫୮ ଜଣ ପରୀକ୍ଷା ଦେଇଥିବାବେଳେ କୌଣସି କାରଣରୁ ୩୫ ଜଣ ପରୀକ୍ଷା ଦେଇ ନ ଥିଲେ। ଏହି ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନେ ଗୌଡ଼ଗୁଡ଼ା ଆଦର୍ଶ ବିଦ୍ୟାଳୟରେ ପାଠ ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହେବେ। ଉକ୍ତ ପରୀକ୍ଷାରେ ଅଧୀକ୍ଷକ ଭାବେ ପ୍ରଧାନଶିକ୍ଷକ ଗୋପାଳ ମଣ୍ଡଳ ଓ ଉପ ଅଧୀକ୍ଷକ ଭାବେ ବିଜ୍ଞାନ ଶିକ୍ଷକ ଗୋଲକ ଚନ୍ଦ୍ର ଲେଙ୍କା ନିୟୋଜିତ ହୋଇଥିବାବେଳେ ପର୍ଯ୍ୟବେକ୍ଷକ ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରିୟମ୍ବଦା ପାତ୍ର ଉପସ୍ଥିତ ଥିଲେ। ଜିଲ୍ଲାସ୍ତରରୁ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଅର୍ପିତା ପ୍ରଧାନ ଓ ନିଘାମୁନିଗୁଡ଼ା ପ୍ରଧାନଶିକ୍ଷକ ଆର୍. ଶିବ ଶଙ୍କର ପଟ୍ଟନାୟକ କେନ୍ଦ୍ର ପରିଦର୍ଶନ କରିଥିଲେ। ଉକ୍ତ ପରୀକ୍ଷାରେ ନିରୀକ୍ଷକ ଭାବେ ଶିକ୍ଷକ ସପନ କୁମାର ଦିକ୍ଷୀତ, ଶଙ୍କର ଗୁଡୁମ୍ବକା, ସୁକାନ୍ତ ଯାଦବ, ଜ୍ୟୋସ୍ନା ପଣ୍ଡା, କସ୍ତୁରୀ ଶବର, ମାଧୁରୀ ଲେଙ୍କା, ସୁନିତା ସାହୁକାର, ପ୍ରିୟଙ୍କା ବିଶୋଇ, ରୋଜାଲିନ ସ୍ୱାଇଁ ଓ ମମତା ମହାନ୍ତି ନିୟୋଜିତ ଥିବାବେଳେ ସଂଯୁକ୍ତା ତୁରୁକ୍, ନୂତନ ଚେଟୀ ଓ ରାଜେଶ୍ୱରୀ ମହାରଣା ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଲକ୍ଷ୍ମୀପୁର ପୁଲିସ ମୁତୟନ ହୋଇଥିଲେ।

# ଭଞ୍ଜ ସଂସଦର ବାର୍ଷିକ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି

**ସୁନାବେଡ଼ା,୧୦।୧(ସମିସ)** : ସୁନାବେଡ଼ା ମିଗ୍ ନଗରୀ ସ୍ଥିତ ୟୁ ଜୋନ୍ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଭଞ୍ଜ ସଂସଦର ବାର୍ଷିକ ଉତ୍ସବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସଂସଦର ସଭାପତି ଲକ୍ଷ୍ମୀନାରାୟଣ ଗୌଡ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସଂସଦର ବରିଷ୍ଠ ସଦସ୍ୟ ତଥା ସମାଜସେବୀ ଶେଖ ଇବ୍ରାହିମ୍, ସଂସଦର ଯୁଗ୍ମ ସମ୍ପାଦକ ବିଜୟ ପାତ୍ର, କୋଷାଧ୍ୟକ୍ଷ ଭଗବାନ ସ୍ୱାଇଁଙ୍କ ସମେତ ଶତାଧିକ ସକ୍ରିୟ ସଦସ୍ୟ ଉପସ୍ଥିତ ରହି ସଂସଦର ବାର୍ଷିକ ଉତ୍ସବର ସମସ୍ତ କାର୍ଯ୍ୟକ୍ରମକୁ ସୁପରିଚାଳନା କରିବା ପାଇଁ ବିଭିନ୍ନ କମିଟି ଗଠନ କରିଥିଲେ। ପ୍ରତ୍ୟେକ କମିଟିରେ ପାଞ୍ଚରୁ ଦଶ ଜଣ ସକ୍ରିୟ ସଦସ୍ୟଙ୍କୁ ରଖାଯାଇ ଦାୟିତ୍ୱ ଅର୍ପଣ କରାଯାଇଛି। ଚଳିତ ବର୍ଷର ବାର୍ଷିକ ଉତ୍ସବରେ ସଦସ୍ୟମାନେ ସପରିବାର ଯୋଗ ଦେବା ସହ ମହିଳା ଓ ପିଲାମାନଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବା ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୨୮ ତାରିଖରେ ବାର୍ଷିକ ସମ୍ମିଳନୀର ଦୁଇଟି ଅଧିବେଶନ ସ୍ଥାନୀୟ ଭଞ୍ଜ ମଣ୍ଡପରେ ଅନୁଷ୍ଠିତ ହେବ। ସଂସଦର କାର୍ଯ୍ୟକାରୀ ସଭାପତି ଅମର ବାଡ଼ତ୍ୟା ମଞ୍ଚ ପରିଚାଳନା କରିଥିବାବେଳେ ଭଗବାନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଛାତ୍ରଛାତ୍ରୀଙ୍କୁ ଡାଏରୀ ବଣ୍ଟନ



**ସେମିଳିଗୁଡ଼ା,୧୦।୧(ସମିସ)**:କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ପ୍ରତିଯୋଗିତାମୂଳକ ଅନୁସନ୍ଧାନ କେନ୍ଦ୍ରରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କୁ ମଙ୍ଗଳବାର ଡାଏରୀ ବଣ୍ଟନ କରାଯାଇଥିଲା। ଜିଲ୍ଲାପାଳଙ୍କ ସହ ସୁନାବେଡ଼ା ପୌରାଞ୍ଚଳର କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ନାୟକ ଉପସ୍ଥିତ ଥିଲେ। ନୂତନ ବର୍ଷର ଡାଏରୀଗୁଡ଼ିକ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ କଠୋର ପ୍ରସ୍ତୁତିରେ ଉପଯୋଗୀ ସାଧନ ଭାବରେ କାର୍ଯ୍ୟ କରିବ ବୋଲି ଏଥିରେ ଆଶା ପୋଷଣ କରାଯାଉଛି। ନୂତନ ରୂପେ ନାମ ଲେଖାଇଥିବା ସିଭିଲ ସର୍ଭିସ ପାଇଁ ଆଶାକର୍ମୀମାନେ ଏନେଇ ଆନନ୍ଦ ଏବଂ କୃତଜ୍ଞତା ଜଣାଇଥିଲେ। କେନ୍ଦ୍ରର ସଂଯୋଜକ ଡ.ଚନ୍ଦ୍ର ଖେମୁଣ୍ଡୁ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଆଗାମୀ ସଫଳତା ପାଇଁ ଉତ୍ସାହିତ କରିବା ସହିତ ସମ୍ମାନଜନକ ନାଗରିକ ସେବା ମାଧ୍ୟମରେ ଦେଶ ସେବା କରିବାର ସ୍ୱପ୍ନକୁ ସାକାର କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ସଶକ୍ତ କରିବାରେ ଏହି ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ସମାଜସେବୀ ଡ. ନବିନ ଚନ୍ଦ୍ର ଗରଡ଼ା ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିବା ସହିତ ଜିଲ୍ଲାପାଳଙ୍କ ଡାଏରୀ ବଣ୍ଟନ କାର୍ଯ୍ୟକ୍ରମକୁ ଶିକ୍ଷା ଏବଂ ବୃତ୍ତିଗତ ସୁଯୋଗକୁ ପ୍ରୋତ୍ସାହିତ କରିବ ବୋଲି ପ୍ରକାଶ କରିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରର କର୍ମକର୍ତ୍ତା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଉମରକୋଟ ଓକିଲ ସଂଘର ବନ୍ଧୁମିଳନ

**ଉମରକୋଟ,୧୦।୧(ସମିସ):** ଉମରକୋଟ ଓକିଲ ସଂଘ ତରଫରୁ ଉମରକୋଟ ବ୍ଲକ୍ ଅନ୍ତର୍ଗତ ବେହେଡ଼ା ଫରେଷ୍ଟ ନର୍ସରୀଠାରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲା ଜଜ୍ ଗିରିଜା ମହାପାତ୍ର, ସବ୍ ଜଜ୍ ନିରଞ୍ଜନ ପାତ୍ର ଓ ପ୍ରଥମ ଶ୍ରେଣୀ ବିଚାରପତି ଇରା ପଟ୍ଟନାୟକ ଯୋଗଦେଇଥିଲେ। ଏଥିରେ ପୂର୍ବତନ ଓକିଲ ସଂଘର ସଭ୍ୟ ଭାବେ ସ୍ଥାନୀୟ ବିଧାୟକ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଝାଡ଼େଶ୍ୱର ମହାନ୍ତି, ଶ୍ରୀନିବାସ ପଟ୍ଟନାୟକ, ମନୋହର ମହାନ୍ତି, ଓକିଲ ସଂଘର ସଭାପତି ପ୍ରଶାନ୍ତ ସାହୁ, ସମ୍ପାଦକ ସାନ୍ତନୁ ବାହିନୀପତିଙ୍କ ସହ ଓକିଲ ସଂଘର ବରିଷ୍ଠ ସଭ୍ୟ ଉମା ମହେଶ୍ୱର ରାଓ, ପ୍ରଦୀପ ପଟ୍ଟନାୟକ, ରାମ ନାୟକ, ମାର୍କଣ୍ଡ ସାହୁ, ରବି ପଟ୍ଟନାୟକ, ସନ୍ତୋଷ ସାହୁ, ତପନ ଦେବନାଥ, ଜୟନ୍ତ ମଜୁମଦାର, କାଳୀ ପ୍ରସାଦ ନନ୍ଦ ପ୍ରମୁଖ ଯୋଗଦେଇଥିଲେ।

# ଶ୍ରୀଜଗନ୍ନାଥ ଅର୍ପଣ ରଥର ଟିକିରି ପରିକ୍ରମା



**ଟିକିରି,୧୦।୧(ସମିସ):** ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ସ୍ଥିତ ଟିକିରିରେ ବୁଧବାର ପଞ୍ଚାୟତ କାର୍ଯ୍ୟାଳୟର ଶ୍ରୀଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ ହୋଇଯାଇଛି। ଶ୍ରୀଜଗନ୍ନାଥ ମନ୍ଦିରଠାରୁ ଆଜ୍ଞାମାଳ ଗ୍ରହଣ କରି ପଞ୍ଚାୟତ କାର୍ଯ୍ୟାଳୟଠାରେ ଆନୁଷ୍ଠାନିକ ରଥର ଶୁଭାରମ୍ଭ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ କଣ୍ଠ ମାଝୀଙ୍କ ସହ ଟିକିରି ସରପଞ୍ଚ ଜଗବନ୍ଧୁ ମାଝି ଉପସ୍ଥିତ ଥିଲେ। ପଞ୍ଚାୟତରେ ପୂଜାର୍ଚ୍ଚନା କରିବା ପରେ ଟିକିରି ସ୍ଥିତ ଜଗନ୍ନାଥ ମନ୍ଦିରଠାରେ ଭଜନ କୀର୍ତ୍ତନ କରି ରଥକୁ ପାଛୋଟି ନେଇଥିଲେ। ଅତିଥିମାନେ ପ୍ରଥମେ ଅରୁଆ ଚାଉଳ, ଗୁଆ ଅର୍ପଣ କରିବା ପରେ ରଥର ଯାତ୍ରା ଆରମ୍ଭ ହୋଇଥିଲା। ଏହା ପରେ ଟିକିରି ପଞ୍ଚାୟତର ବିଭିନ୍ନ ଗ୍ରାମ ଯିବା ପାଇଁ ବାହାରିଥିଲା ଓ ପରିକ୍ରମା କରି ଚାଉଳ, ଗୁଆ ସଂଗ୍ରହ କରିଥିଲା।

# ସତବୀର ସିଂଙ୍କୁ ମାଲକାନଗିରି ଜିଲ୍ଲାରେ ଭବ୍ୟ ସମ୍ବର୍ଦ୍ଧନା

## ସାଉଥ ଆଫ୍ରିକା ଟେଷ୍ଟ ସିରିଜର ଥିଲେ ଟିମ୍ ଇଣ୍ଡିଆ ମ୍ୟାନେଜର

**ମାଲକାନଗିରି,୧୦।୧(ସମିସ)**

ଦକ୍ଷିଣ ଆଫ୍ରିକାରେ ହୋଇଥିବା କ୍ରିକେଟ ମ୍ୟାଚରେ ଭାରତୀୟ ଟିମର ମ୍ୟାନେଜର ଭାବେ ଦାୟିତ୍ୱ ପାଇଥିବା ମାଲକାନଗିରି ଜିଲ୍ଲାର ସତବୀର ସିଂ ରିୟାର ତଥା ପପୁ ସିଂ ବୁଧବାର ଦକ୍ଷିଣ ଆଫ୍ରିକାରୁ ଆସି ମାଲକାନଗିରି ଜିଲ୍ଲାରେ ପହଞ୍ଚିଥିବାବେଳେ ଜିଲ୍ଲାବାସୀଙ୍କ ପକ୍ଷରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ନିକଟରେ ଦକ୍ଷିଣ ଆଫ୍ରିକାରେ ଖେଳାଯାଇଥିବା ଟେଷ୍ଟ ମ୍ୟାଚରେ ଭାରତର ମ୍ୟାନେଜର ହୋଇଥିଲେ ଜିଲ୍ଲାର ଓଡ଼ିଆ ପୁଅ ସତବୀର ସିଂ ରିଆର। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ଭଲ ପ୍ରଦର୍ଶନ କରିବା ସହ ଦୀର୍ଘ ବର୍ଷ ପରେ ବିଦେଶ ମାଟିରେ ଭାରତ ଟେଷ୍ଟ ମ୍ୟାଚ ବିଜୟୀ ହୋଇଥିଲା। ଭାରତର ଭଲ ପ୍ରଦର୍ଶନ ସହ ମ୍ୟାନେଜର ସତବୀର ସିଂଙ୍କ ଉତ୍ତମ ମ୍ୟାନେଜମେଣ୍ଟ ସମସ୍ତଙ୍କୁ ଖୁସି କରିଥିବାବେଳେ ଶ୍ରୀ ସିଂ ବର୍ତ୍ତମାନ ଜିଲ୍ଲା ପାଇଁ ଗୌରବ ପାଲଟିଥିବା ପ୍ରକାଶ କରିଛନ୍ତି ଜିଲ୍ଲାବାସୀ।

ପୂର୍ବରୁ ରଣଜି ଓ ଅଣ୍ଡର ୧୯ କ୍ରିକେଟରେ ସେ ମ୍ୟାନେଜର ହୋଇଥିବାବେଳେ ଆଗକୁ ଭାରତ ପାଇଁ ଆହୁରି ଅନେକ ମ୍ୟାଚରେ ମ୍ୟାନେଜର ହେବାର ସମ୍ଭାବନା ରହିଛି। ବୁଧବାର ସକାଳେ ସେ ମାଲକାନଗିରି ଜିଲ୍ଲାର ମୋଟୁରେ ପଞ୍ଚିବା ପରେ ସେଠାରେ କ୍ରିକେଟ ପ୍ରେମୀମାନେ ତାଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ। ଏହା ପରେ ମୋଟୁଠାରୁ ମାଲକାନଗିରି ପର୍ଯ୍ୟନ୍ତ ଦୀର୍ଘ ୧୦୦ କିଲୋମିଟର ବାଟ ମଧ୍ୟରେ ବିଭିନ୍ନ ସ୍ଥାନରେ ଶ୍ରୀ ସିଂଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସ୍କୁଲ କଲେଜର ଛାତ୍ରଛାତ୍ରୀଙ୍କ ସହ ସାଧାରଣ ଲୋକେ ବିରାଟ ଶୋଭାଯାତ୍ରା କରି ସତବୀର ସିଂଙ୍କୁ ସ୍ୱାଗତ କରିଥିଲେ। ଯାହାକୁ ଦେଖି ସେ ବେଶ୍ ଖୁସି ପ୍ରକାଶ କରିବା ସହ ଜିଲ୍ଲାବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସୂଚନାଥାଉକି, ସତବୀର ସିଂ ହେଉଛନ୍ତି ମାଲକାନଗିରି ଜିଲ୍ଲାର ପୂର୍ବତନ ବିଜୁ ଜନତା ଦଳର ସଭାପତି ତଥା ବରିଷ୍ଠ ନେତା ମେହେଙ୍ଗା ସିଂ ଓ ପୂର୍ବତନ ପୌର ପରିଷଦ ଅଧ୍ୟକ୍ଷା ରାଜଓନ୍ତ କୌରଙ୍କ ପୁତ୍ର।



# ଦୁଇ ମାସ ହେଲା ଜଳୁନି ଷ୍ଟ୍ରିଟ୍ ଲାଇଟ୍

**ମୁନିଗୁଡ଼ା,୧୦।୧(ସମିସ):** ଦୀର୍ଘ ଦୁଇ ମାସରୁ ଊର୍ଦ୍ଧ୍ୱ ହେଲାଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ଏବଂ ମୁନିଗୁଡ଼ା ସହର ମଧ୍ୟରେ ଷ୍ଟ୍ରିଟ ଲାଇଟ୍ ଜଳୁ ନଥିବାରୁ ବିଭିନ୍ନ ସ୍ଥାନରେ ଅନ୍ଧାର ରହୁଥିବାରୁ ଲୋକଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟ ପଞ୍ଚମ ଅର୍ଥ କମିଶନ ଅନୁଦାନ କ୍ରମେ ପ୍ରତି ପଞ୍ଚାୟତଗୁଡ଼ିକର କେଉଁ ଅଞ୍ଚଳ ପାଇଁ ଆଲୋକୀକରଣ ବ୍ୟବସ୍ଥା କରାଯିବ ତାହା ପଞ୍ଚାୟତ ପକ୍ଷରୁ ପ୍ରସ୍ତାବ ଦିଆଯାଇ ଏହି ଷ୍ଟ୍ରିଟ୍ ଲାଇଟ୍ କାର୍ଯ୍ୟକୁ ଜିଲ୍ଲା ପରିଷଦ ମାଧ୍ୟମରେ ଟେଣ୍ଡର କରାଯାଇଥିଲା। ଏଥିସହ ଠିକାଦାର ନିଯୁକ୍ତ କରାଯାଇ ଏହି ଷ୍ଟ୍ରିଟ୍ ଲାଇଟ୍ କାର୍ଯ୍ୟ ହୋଇଥିଲା। ତେବେ ଲାଗିଥିବା ଲାଇଟଗୁଡ଼ିକ କେଉଁଠାରେ ଅଳ୍ପଦିନ ପରେ ତ ଆଉ କେଉଁଠି ବିଳମ୍ବରେ ଖରାପ ହୋଇଥିବା ବେଳେ ଏହାକୁ ସଜଡ଼ା ଯାଉନାହିଁ। ଟାଉନ ମଧ୍ୟରେ ଷ୍ଟ୍ରିଟ୍ ଲାଇଟ୍ ଲାଗିବା ପରେ ଯେଉଁ କେତକ ସ୍ଥାନରେ ଲାଇଟ୍ ଖରାପ ହୋଇ ଜଳୁନାହିଁ ସେଠାରେ ରାତିବେଳେ ଅନ୍ଧାର ରାଜୁତି କରୁଛି। ଏପରିକି ଅନେକ ସ୍ଥାନରେ ଲାଇଟ୍ ବିଦ୍ୟୁତଖୁଣ୍ଟରେ ନାହିଁ। ଅକାମୀ ହୋଇଯାଇଥିବା ଷ୍ଟ୍ରିଟ୍ ଲାଇଟ୍ ଆଉ କାର୍ଯ୍ୟକ୍ଷମ ହେଉନଥିବାରୁ ମୁନିଗୁଡ଼ା ଅଞ୍ଚଳବାସୀ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମୁନିଗୁଡ଼ା ଟାଉନରେ ଥିବା କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖ ଷ୍ଟ୍ରିଟ୍ ଲାଇଟ୍, ହାଇସ୍କୁଲ ପାଖ ଓ ମେଡିକାଲ ସମ୍ମୁଖରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍ ପ୍ରାୟ ଦୁଇ ମାସ ହେଲା ଜଳୁ ନଥିଲେ ମଧ୍ୟ ସଜଡ଼ା ଯାଉନାହିଁ। ସେହିପରି ବ୍ଲକ୍ ଅଞ୍ଚଳର ଅନେକ ସ୍ଥାନରେ ମଧ୍ୟ ଏଭଳି ସମସ୍ୟା ଦେଖାଯାଇଥିବାବେଳେ ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯିବାକୁ ସାଧାରଣରେ ଦାବି ହେଉଛି।



# ଘରେ ଘରେ ଅକ୍ଷତ ଓ ନିମନ୍ତ୍ରଣ ବଣ୍ଟନ



**ଉମରକୋଟ,୧୦।୧(ସମିସ):** ଉମରକୋଟ ୱାର୍ଡ ନମ୍ବର ୧ ଦର୍ଗାଗୁଡ଼ାଠାରେ ଘରେ ଘରେ ବଣ୍ଟନ ହୋଇଛି ଅକ୍ଷତ। ଅଯୋଧ୍ୟାରୁ ଆସିଥିବା ଅକ୍ଷତ ଚାଉଳ ଓ ନିମନ୍ତ୍ରଣ ପତ୍ର ଦର୍ଗାଗୁଡ଼ା ସ୍ଥିତ ରାଧାକୃଷ୍ଣ ମନ୍ଦିରରେ ରଖାଯାଇଥିଲା। ବୁଧବାର ତାହାକୁ ୱାର୍ଡର ବାଙ୍ଗୀୟ ଗ୍ରାମ ୟୁଭି ନମ୍ବର ୪ ଓ ଆଦିବାସୀ ମାଲିଗୁଡ଼ାର ଶତାଧିକ ଗ୍ରାମବାସୀ, ରାମଭକ୍ତ ଶୋଭାଯାତ୍ରା ଓ ସଂକୀର୍ତ୍ତନ କରି ଦର୍ଗାଗୁଡ଼ା ରାଧାକୃଷ୍ଣ ମନ୍ଦିରରୁ ଆସି ଅକ୍ଷତ ନେଇ ନିଜ ନିଜ ଗ୍ରାମରେ ବଣ୍ଟନ କରିଥିଲେ। ଏହାପରେ ଦର୍ଗାଗୁଡ଼ା ଗ୍ରାମର ମଧ୍ୟ ଶତାଧିକ ଯୁବକ ଓ ମହିଳା ଶୋଭାଯାତ୍ରା କରି ପ୍ରତ୍ୟେକ ଘରେ ଘରେ ଅକ୍ଷତ ଓ ନିମନ୍ତ୍ରଣ ପତ୍ର ବାଣ୍ଟିଥିଲେ। ଶୋଭାଯାତ୍ରାରେ ବାଜା, ଘଣ୍ଟ, ଶଙ୍ଖ ସହ ରାମନାମରେ କମ୍ପି ଉଠୁଥିଲା ଦର୍ଗାଗୁଡ଼ା ଗ୍ରାମ। ଆସନ୍ତା ୨୨ ତାରିଖରେ ଅଯୋଧ୍ୟାରେ ରାମଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠାରେ ଦର୍ଗାଗୁଡ଼ା ରାଧାକୃଷ୍ଣ ମନ୍ଦିରରେ ସମସ୍ତ ୱାର୍ଡବାସୀ ଏକତ୍ରିତ ହୋଇ ରାମନାମ ସ୍ମରଣ କରି ସଂକୀର୍ତ୍ତନ ଆୟୋଜନ ହେବ ବୋଲି ଉପଦେଷ୍ଟା କୃଷ୍ଣ ନନ୍ଦ ଜଣାଇଛନ୍ତି। ତେବେ ଏହି ବଣ୍ଟନ କାର୍ଯ୍ୟକ୍ରମରେ ସଭାପତି ଲଖଣ ଗୌଡ଼, ସମ୍ପାଦକ ସତ୍ୟନାରାୟଣ ରାଉତ, ସମ୍ପାଦକ ବନମାଳୀ ମାଝୀ, ଉପସଭାପତି ରାମକୃଷ୍ଣ ପଟ୍ଟନାୟକ, କୋଷାଧ୍ୟକ୍ଷ ପେଣ୍ଡ୍ରା ଜେନା, ପୂଜକ ସନ୍ତୋଷ ମିଶ୍ର, ଉପଦେଷ୍ଟା ଭାଗିରଥି ସେଠୀ, କୁର୍ଷ ମାଝୀ, ଉଦ୍ଦନ ସମରଥ, ବୁଦୁରାମ ପୂଜାରୀ, ବୁଲା ପଟ୍ଟନାୟକ, ଶାନ୍ତିଲତା ରାଉତ, ରାଜେଶ୍ୱରୀ ରାଉତ, ନିର୍ମଳା ଜେନା, ଲକ୍ଷ୍ମୀ ସେଠୀ, ଚମରୁ ପୂଜାରୀ, ସିପ୍ରି ହରିଜନ ପ୍ରମୁଖଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ।

## ରାମନାଗୁଡ଼ା ପଞ୍ଚାୟତ ସମିତି ସାଧାରଣ ବୈଠକ

# ଶିଶୁ ବିକାଶ, ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ଆଲୋଚନା

**ରାମନାଗୁଡ଼ା,୧୦।୧(ସମିସ):** ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ୍ ପଞ୍ଚାୟତ ସମିତି ସଭାଗୃହଠାରେ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ରବିଶଙ୍କର ଗମାଙ୍ଗ ସଭାପତିତ୍ୱରେ ଆୟୋଜିତ ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ସାଂସଦଙ୍କ ପ୍ରତିନିଧି ଗର୍ଜନା ପ୍ରସାଦ ରାଓ, ବିଧାୟକଙ୍କ ପ୍ରତିନିଧି ଅମିତ ମହାରଣା, ଉପାଧ୍ୟକ୍ଷା ଜାନକୀ ନିମାଳା, ଶିଶୁ ବିକାଶ ଯୋଜନା ଅଧିକାରୀ ଶାନ୍ତିଲତା ରଥ, ଜିଲ୍ଲା ପରିଷଦ ସଭ୍ୟ(କ) ତାଙ୍ଗୁଡୁ ଶ୍ରୀଧର, ଜିଲ୍ଲା ପରିଷଦ (ଖ)ସୁରେଶ ଗମାଙ୍ଗ ପ୍ରମୁଖ ମଞ୍ଚାସୀନ ଥିଲେ। ସହକାରୀ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ମିଶ୍ର ସମସ୍ତ ଅଧିକାରୀ ଓ ଲୋକ ପ୍ରତିନିଧିଙ୍କୁ ସ୍ୱାଗତ କରିବା ପରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଏହା ପରେ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଗୋପାଳଚନ୍ଦ୍ର ମିଶ୍ରଙ୍କ ଦ୍ୱାରା ପୂର୍ବ ବୈଠକର ବିବରଣୀ ପାଠ କରାଯାଇଥିଲା। ଏହି ପଞ୍ଚାୟତ ସମିତି ସାଧାରଣ ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନେ ନିଜ ନିଜ ବିଭାଗୀୟ କାର୍ଯ୍ୟପନ୍ଥାଗୁଡ଼ିକ ଉପସ୍ଥାପନା କରିଥିବା ବେଳେ ତୃଣମୂଳସ୍ତରରେ ଉପୁଜିଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରି ସମାଧାନ କରାଯାଇଥିଲା। ଗ୍ରାମାଞ୍ଚଳରେ ଶିଶୁ ସୁରକ୍ଷାକୁ ନେଇ ବୈଠକରେ ଆଲୋଚନା କରାଯାଇଥିବା ବେଳେ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ସମସ୍ୟାର ସମାଧାନ କରିବାକୁ ମତପ୍ରକାଶ ପାଇଛି। ସେହିପରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକ ସଠିକ ଭାବେ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ ବୈଠକରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବା ପାଇଁ ୱାର୍ଡ ସଭ୍ୟ, ସଭ୍ୟା, ସମସ୍ତ ସରପଞ୍ଚ, ସମିତି ସଭ୍ୟ ସଭ୍ୟା ଉପସ୍ଥିତ ରହିବା ସହ ବିଭିନ୍ନ ବିଭାଗର ଅଧିକାରୀମାନେ ନିଜ ନିଜ ବିଭାଗର କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକରେ ରାମନାଗୁଡ଼ା ବ୍ଲକ୍ର ୧୨ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜଳପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ, ଯୋଗାଣ ନିରୀକ୍ଷକ, ଏପିଓ ସମେତ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଶେଷରେ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଗୋପାଳଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।





# ସଜେଇହେଲାଣି ମେଘନାଦ

**ମହାପ୍ରଭୁ ଜଗନ୍ନାଥ କୋଟି କୋଟି ଓଡ଼ିଆଙ୍କ ଆରାଧ୍ୟ ଦେବତା। ଯାହାଙ୍କ ଦର୍ଶନ ଓ କରୁଣା ପାଇବା ପାଇଁ ପ୍ରତିଟି ଭକ୍ତର ମନ ହୋଇଉଠେ ବ୍ୟଗ୍ର। ତାଙ୍କ ମନ୍ଦିର ହେଉଛି ବଡଦେଉଳ ଓ ତାଙ୍କ ରାସ୍ତା ନା ବଡ଼ଦାଣ୍ଡ। ତାଙ୍କ ମାହାତ୍ମ୍ୟର ଗୁଣଗାନ କରେ ନୀଳଚକ୍ର। ସେଥି ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ଆଜି ସାକାର ହେବାକୁ ଯାଉଛି। ଶ୍ରୀମନ୍ଦିର ଆହୁରି ଅଧିକ ସଜେଇ ହେଉଛି। ପରିକ୍ରମା ପ୍ରକଳ୍ପ ମେଘନାଦ ପ୍ରାଚୀର ସୁସଜ୍ଜିତ ରୂପରେ ନବକଳେବର ପାଉଛି। ଏହାକୁ ନେଇ 'ସକାଳ'ର ସ୍ୱତନ୍ତ୍ର ପ୍ରସ୍ତୁତି**

## ମେଘ ବି ଦେଖିବ ମେଘନାଦ ପ୍ରାଚୀର

### ମେଘନାଦ ପ୍ରାଚୀର

ଶ୍ରୀଜଗନ୍ନାଥ ମନ୍ଦିରରେ ଚାରି ଦ୍ୱାର ଓ ଦୁଇଟି ବଡ଼ କେନ୍ଦ୍ରିତ ପାଚେରି ରହିଛି। ସଂଯୋଗ ବସତଃ ଏହା ରାଜ୍ୟର ଗୋଟିଏ ହିଁ ମନ୍ଦିର ଯାହାର ବାହାର ପାର୍ଶ୍ୱ ଓ ଭିତର ପାର୍ଶ୍ୱରେ ଚାରିଟି ଲେଖାଏଁ ଦ୍ୱାର ରହିଛି। ଶ୍ରୀ ମନ୍ଦିର ବାହାର ପାର୍ଶ୍ୱରେ ଥିବା ପାଚେରିକୁ କୁହାଯାଏ ମେଘନାଦ ପ୍ରାଚୀର। ଯାହାର ଲମ୍ବା ପୂର୍ବରୁ ପଶ୍ଚିମ ଦିଗ ଯାଏ ୬୫୦ ଫୁଟ୍ ଥିବାବେଳେ ଉତ୍ତରରୁ ଦକ୍ଷିଣକୁ ଚଉଡ଼ା ୬୪୪ ଫୁଟ ଅଟେ। ଏହାର ଉଚ୍ଚତା ରହିଛି ୨୦ ଫୁଟ ଓ ପ୍ରସ୍ଥ ଅଟେ ୬ ଫୁଟ। କୁରୁମା ପାଚେରିର ଉଚ୍ଚତା ମେଘନାଦ ପାଚେରିର ଉଚ୍ଚତା ସହ ପ୍ରାୟ ସମାନ। ମାତ୍ର ଏହାର ମୋଟା ମେଘନାଦ ପ୍ରାଚୀରଠୁ କମ୍ ମାନେ ୫ ଫୁଟ୍। ମୂଳତଃ ରାଜା ଇନ୍ଦ୍ରଦ୍ୟୁମ୍ନ କେବଳ ଶ୍ରୀମନ୍ଦିରର ହିଁ ନିର୍ମାଣ କରିଥିଲେ। ପରବର୍ତ୍ତୀ ସମୟରେ ରାଜା ଓ ଶାସକମାନେ ମେଘନାଦ ପ୍ରାଚୀର, ମୁଖଶାଳା, ନାଟ ମଣ୍ଡପ ଓ ଅନ୍ୟ ସମ୍ପତ୍ତିକୁ ଶ୍ରୀ ମନ୍ଦିର ସହ ଜଡ଼ି ଥିଲେ।

### ବିଶେଷତ୍ୱ

ମୁଖ୍ୟ ମନ୍ଦିର ନିର୍ମାଣର ପରବର୍ତ୍ତୀ କାଳରେ ମରହଟ୍ଟା ଶାସନ ଅମଳରେ ଏହି ପ୍ରାଚୀର ନିର୍ମାଣ ହୋଇଥିବାର ଜଣାଯାଏ। ଅନ୍ୟ ଏକ ତଥ୍ୟ ଅନୁସାରେ ୧୪୫୨ ଖ୍ରୀଷ୍ଟାବ୍ଦରେ ଗଜପତି କପିଳେନ୍ଦ୍ର ଦେବ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ମେଘନାଦ ପାଚେରିର ନିର୍ମାଣ କରାଇଥିଲେ। ମେଘନାଦ ପ୍ରାଚୀରର ମହିମା ଅକ୍ଷୁର୍ଣ୍ଣ ରଖିବା ପାଇଁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ, ତାଙ୍କ ଐତିହାସିକ ରାୟରେ, ଏହି ପାଚେରୀ ନିକଟରେ ଏହାଠାରୁ ଉଚ୍ଚ ଆଉ କୌଣସି ନିର୍ମାଣ କାର୍ଯ୍ୟ ନ କରିବାକୁ ଆଦେଶ ଦେଇଛନ୍ତି। ଜଗନ୍ନାଥ ବରୁଣଙ୍କ କନ୍ୟା ଲକ୍ଷ୍ମୀଙ୍କୁ ବିବାହ ପରେ ଶ୍ୱଶୁର ବରୁଣ ଅର୍ଥାତ ସାଗରଦେବତାଙ୍କ ସହ ମତାନ୍ତର ହୋଇଥିଲା। ଜଗନ୍ନାଥ ସାଗର କୂଳରେ ମନ୍ଦିର ତୋଲାଇ ରହିଥିବାରୁ ସମୁଦ୍ରଗର୍ଜନ ମନ୍ଦିର ଭିତରକୁ ନପଶିବା ପାଇଁ ମେଘନାଦ ପ୍ରାଚୀର ନିର୍ମାଣ କରାଇଥିଲେ।

### ନବୀନଙ୍କ ରୂପାନ୍ତରଣରେ ମେଘନାଦ

ମେଘନାଦ ପ୍ରାଚୀରକୁ ଲାଗିରହିଥିବା ନିର୍ମାଣ ଉଚ୍ଛେଦକୁ ନେଇ ଅନେକ କଳ୍ପନାଜଳ୍ପନା ମୁଣ୍ଡ ଟେକିଥିଲା। ମାତ୍ର ଶେଷରେ ନବୀନଙ୍କ ବିକାଶ ନକ୍ସାରେ ଏହା ସାମିଲ ହୋଇଥିଲା। ବିକାଶକୁ ବିରୋଧୀ ବି ସ୍ୱାଗତ କରିଥିଲେ। ସେଦିନ ଥିଲା ୨୦୧୯ ମସିହା ୧୯ ତାରିଖ । ଭଙ୍ଗା ଯାଇଥିଲା ପାଚେରୀ କଡ଼ରେ ଥିବା ସରକାରୀ ଓ ବେସରକାରୀ କୋଠା। ଶ୍ରୀମନ୍ଦିର ସୁରକ୍ଷା ଓ ସୋନ୍ଦର୍ଯ୍ୟକରଣ ପାଇଁ ୭୫ ମିଟର ସୁରକ୍ଷା ଜୋନ ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା । ଜମି ଅଧିଗ୍ରହଣ ପାଇଁ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ରାଜସ୍ୱ ବିଭାଗ ଏହାର ସାମାଜିକ ପ୍ରଭାବ ନିର୍ଦ୍ଧାରଣ ବା ଏଏସ୍ଆଇ ସର୍ବେକ୍ଷଣ ପାଇଁ ଅଧି ସୂଚନା ପ୍ରକାଶ କରିଥିଲା। ପ୍ରାୟ ୧୫.୧୯୧ ଏକର ଜମି ଅଧିଗ୍ରହଣ ପାଇଁ ନିଷ୍ପତ୍ତି ହୋଇଥିଲା। ଯେଉଁଥିରେ ୧୨.୫୪୪୫ ଏକର ଜମି ଘରୋଇ ଓ ୨.୬୪୬୫ ଏକର ଜମି ସରକାରୀ ଜମି ଥିଲା। ଲୋକେ ମଧ୍ୟ ସ୍ୱେଚ୍ଛାକୃତ ଭାବରେ ଏହି କାର୍ଯ୍ୟରେ ଅକୁଣ୍ଠ ସାହାଯ୍ୟ କରିଥିଲେ। ରାଜ୍ୟ ସରକାର ଜମି ହରାଇଥିବା ଲୋକଙ୍କ ଥଇଥାନ ଓ ପୁନର୍ବାସ କରିଥିଲେ। ସଂପୃକ୍ତ ପରିବାର ଗୁଡ଼ିକର ଜମି ଓ ସେଥିରେ ନିର୍ମାଣ ହୋଇଥିବା କୋଠା ବାବଦରେ ୨ କୋଟି ୧୪ ଲକ୍ଷ ୮୩୫୦ ଟଙ୍କା ଡବଲ ହିସାବରେ ପ୍ରଦାନ କରିଛନ୍ତି। ଉକ୍ତ ପରିବାର ଗୁଡ଼ିକର ୨୦ ଜଣ ସଦସ୍ୟଙ୍କୁ ଥଇଥାନ ଓ ପୁନର୍ବାସ ଯୋଜନାରେ ଏକକାଳୀନ ସାହାଯ୍ୟ ରାଶି ୩୦ ଲକ୍ଷ ଲେଖାଏ ମୋଟ ୬ କୋଟି ଓ ଅଧିକ ୧୦ ପ୍ରତିଶତ ହିସାବରେ ମୋଟ ୬୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଯାହାର ମିଠା ଫଳସ୍ୱରୂପ ସାରା ବିଶ୍ୱ ଦେଖୁଛି ବିଶ୍ୱ ଐତିହ୍ୟ ବହନ କରୁଥିବା ମେଘନାଦ ପାଚେରୀ। ଆସନ୍ତା ୧୭ ତାରିଖ ପରେ ସାରା ବିଶ୍ୱ ଦେଖିବ ନବୀନଙ୍କ ବିକାଶ ନକ୍ସାର ପରିକ୍ରମା ପ୍ରକଳ୍ପ। ସବୁଦିନ ପାଇଁ ଇତିହାସର ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇ ରହିବ ମୁଖ୍ୟମନ୍ତ୍ରୀଙ୍କ ବିଶ୍ୱବାସୀଙ୍କୁ ଏ ଭେଟି।

### ଅଭିଲେଖରେ ମେଘନାଦ ପାଚେରି

ଅଭିଲେଖ ଅନୁସାରେ ୧୧ ଶହ ଶତାବ୍ଦୀ ସମୟରେ ରାଜା ଚୋଡ଼ଗଙ୍ଗ ଦେବଙ୍କ ଶାସନ କାଳ ସମୟରେ ପୁରୀ ସହରକୁ ଆକ୍ରମଣକାରୀଙ୍କ କବଳରୁ ରକ୍ଷା କରିବା ପାଇଁ ବହୁ ଗୁଡ଼ିଏ କୋଟା (କିଲ୍ଲା), ଦୁର୍ଗ ଓ ଜଗଘର (ବ୍ୟାୟାମ ଶାଳାର ନିର୍ମାଣ କରିଥିଲେ। ଆଉ ସେହି ସମୟରେ ମେଘନାଦ ପାଚେରି ର ନିର୍ମାଣ ହୋଇ ନ ଥିଲା। ଯାହା ଏବେ ଶ୍ରୀ ମନ୍ଦିରକୁ ଚାରି ପାର୍ଶ୍ୱରୁ ଘେରି ରହିଛି। ଜାଗାଘର ଗୁଡ଼ିକର ଦାୟିତ୍ୱରେ ଥିବା ଲୋକଙ୍କ କର୍ତ୍ତବ୍ୟ ଥିଲା ସେମାନେ ଶ୍ରୀ ମନ୍ଦିରକୁ କେମିତି ଶତ୍ରୁ କବଳରୁ ରକ୍ଷା କରିବେ। ବଳରାମ ଦାଶଙ୍କ ଲକ୍ଷ୍ମୀପୁରାଣରେ ଉଲ୍ଲେଖ ଅଛି ବରୁଣ , ସମୁଦ୍ରର ସ୍ୱର ଓ ଗର୍ଜନରୁ ଶ୍ରୀ ମନ୍ଦିରକୁ ରକ୍ଷା କରିବା ପାଇଁ ଏହାର ନିର୍ମାଣ କରାଯାଇଥିଲା।

### ବିଶ୍ୱ ଦେଖିବ ମେଘନାଦ ପାଚେରି

ରାଜ୍ୟ ସରକରଙ୍କ ସହଯୋଗ ଓ ପୁରୀ ଜିଲ୍ଲା ପ୍ରଶାସନ ଓ ଶ୍ରୀ ମନ୍ଦିର ପ୍ରଶାସନର ସହାୟତା ବଳରେ ବିଶ୍ୱ ଆଉ ଅଳ୍ପ ଦିନ ମଧ୍ୟରେ ନୂଆ ମେଘନାଦ ପାଚେରୀ ଦେଖିବ । ମନ୍ଦିର ଚତୁଃପାର୍ଶ୍ୱରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କୁ ଦିବ୍ୟ ଅନୁଭୂତି ପ୍ରଦାନ କରିବା ପାଇଁ ମେଘନାଦ ପ୍ରାଚୀରକୁ ଲାଗି ଥିବା ୭୫ ମିଟର ପରିଧିକୁ ବିକଶିତ କରାଯାଇଛି। ପାଚେରୀ ର ସୋନ୍ଦର୍ଯ୍ୟକରଣ କାମରେ ଖଣ୍ଡେ ଲାଇଟ୍ ପଥର, କୁଣ୍ଡ , କାଠ ଓ ଶ୍ରୀ ଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ଥିବା ବୃକ୍ଷର ବ୍ୟବହାର ହେଉଛି। ୮୦୦ କୋଟି ଟଙ୍କାର ରାଜ୍ୟ ସରକାରଙ୍କ ଏହି ପରିକ୍ରମା ପ୍ରକଳ୍ପରେ ମେଘନାଦ ପାଚେରୀ ସାମିଲ ହୋଇ ବିକଶିତ ହୋଇଛି। ଯାହା ବିଶ୍ୱ ପାଇଁ ସୃଷ୍ଟି କରିବ ଏକ ସୂର୍ଣ୍ଣିମ ଅଧ୍ୟାୟ।



# ଜୟ ଜଗନ୍ନାଥ



### ରାମନାଥ କୋବିନ୍ଦଙ୍କ ପ୍ରଶଂସା

ଗତବର୍ଷ ମାର୍ଚ୍ଚ୨୨ ତାରିଖରେ ମହାମହିମ ରାଷ୍ଟ୍ରପତି ରାମନାଥ କୋବିନ୍ଦ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲେ। ଏହି ଅବସରରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ହେବାକୁ ଥିବା ବିକାଶ ସମ୍ପର୍କରେ ତତ୍କାଳୀନ ମୁଖ୍ୟ ପ୍ରଶାସକଙ୍କଠାରୁ ବୁଝିବା ସହ ରାଜ୍ୟ ସରକାରଙ୍କ ଏଭଳି ପଦକ୍ଷେପକୁ ପ୍ରଶଂସା କରିଥିଲେ। ସିଂହଦ୍ୱାର ସମ୍ମୁଖ ଅଞ୍ଚଳକୁ ଭଲଭାବେ ଦେଖିବା ସହ ଶ୍ରୀମନ୍ଦିର ବିକାଶରେ ସହମତ ହୋଇଥିଲେ ରାଷ୍ଟ୍ରପତି। ନିଜ ଦରମାରୁ ୧ଲକ୍ଷ ଟଙ୍କାର ଚେକ୍ ତତ୍କାଳୀନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାରଙ୍କୁ ପ୍ରଦାନ କରିଥିଲେ।

### ଅମୃତକାଳର ସ୍ମରଣୀୟ ବିକାଶ

ନିକଟରେ ଗୋଆ ମୁଖ୍ୟମନ୍ତ୍ରୀ ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ପ୍ରଶଂସା କରିଥିଲେ। ଦେଶର ପ୍ରମୁଖ ଐତିହ୍ୟସ୍ଥଳୀର ବିକାଶ କରାଯାଉଛି। ଏହାଦ୍ୱାରା ଦେଶର ସମସ୍ତ ସନାତନ ଧର୍ମ ପୀଠର ମଧ୍ୟ ବିକାଶ ଉପରେ ଗୁରୁତ୍ୱ ଦିଆଯିବା ଉଚିତ ବୋଲି ସେ କହିଥିଲେ। ଏହି ଭଳି ବିକାଶ ଦ୍ୱାରା ହିଁ ଭାରତ ଅମୃତକାଳକୁ ଯାଇପାରିବ ବୋଲି ସେ କହିଥିଲେ।

### ସଂସଦୀୟ କମିଟିର ପ୍ରଶଂସା

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ସଂସଦୀୟ କମିଟି ପ୍ରଶଂସା କରିଛନ୍ତି। ୨୦୨୨ ମସିହାରେ ଏହି ଟିମ୍ ଶ୍ରୀମନ୍ଦିର ପାରିପାର୍ଶ୍ୱିକ ଉନ୍ନତି ବିକାଶ କାର୍ଯ୍ୟ ପାଇଁ ସାଧୁବାଦ ଜଣାଇଥିଲେ। କେନ୍ଦ୍ର ସରକାରଙ୍କ ସଂସ୍କୃତି, ପର୍ଯ୍ୟଟନ ଓ ପରିବହନ ବିଭାଗର ସଂସଦୀୟ କମିଟି ପୁରୀ ଗସ୍ତ କରି ଏପରି ପ୍ରତିକ୍ରିୟା ରଖିଥିଲେ। ଟିଜି ଭେଙ୍କଟେଶଙ୍କ ଅଧ୍ୟକ୍ଷତାରେ ଏହି ଟିମ୍‌ରେ ୧୬ ଜଣ ସାଂସଦଙ୍କ ସହ ୬ ଜଣ ବରିଷ୍ଠ ଅଧିକାରୀ ପୁରୀ ଗସ୍ତରେ ଆସିଥିବା ସମୟରେ ଏହି କାମକୁ ପ୍ରଶଂସା କରିଥିଲେ।

### ବଦଳିଛି ଶ୍ରୀକ୍ଷେତ୍ର ଛବି

ବିଶିଷ୍ଟ ସଂଗୀତକାର ଶଙ୍କର ମହାଦେବନ ଶ୍ରୀମନ୍ଦର ପରିକ୍ରମା ପ୍ରକଳ୍ପକୁ ଦେଖି ଅଭିଭୂତ ହେବା ସହ ଏହାର ଭୁରି ଭୁରି ପ୍ରଶଂସା କରିଥିଲେ। ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଦର୍ଶନ କରିବା ପରେ ମନ୍ଦିର ଚୌହଦୀରେ ହୋଇଥିବା ଉନ୍ନତିକରଣକୁ ସେ ବେଶ୍ ପ୍ରଶଂସା କରିଥିଲେ। ୨ ବର୍ଷ ତଳେ ସେ ଶ୍ରୀମନ୍ଦିର ଆସିଥିଲେ। ପୁରୀର ଚିତ୍ର ସମ୍ପୂର୍ଣ୍ଣ ବଦଳି ଯାଇଥିବା ବେଳେ ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ ଲୋକଙ୍କ ପାଇଁ କରାଯାଉଥିବା ସୁବିଧାକୁ ସେ ପ୍ରଶଂସା କରିଥିଲେ। ଶ୍ରୀ ଜଗନ୍ନାଥ ମନ୍ଦିର ଦେଶର ଏକ ପ୍ରମୁଖ ମନ୍ଦିର। ତେଣୁ ଏଠାକୁ ଆସିଥିବା ଲୋକଙ୍କ ମୌଳିକ ସୁବିଧାକୁ ଦୃଷ୍ଟି ଦିଆଯାଇ ହେଉଥିବା କାର୍ଯ୍ୟକୁ ସେ ପ୍ରଶଂସା କରିଥିଲେ।

# ଅତିଥି ଦେବୋ ଭବଃ...

## ୮୫ ହଜାର ବର୍ଗଫୁଟ୍‌ରେ ଅଭ୍ୟର୍ଥନା କେନ୍ଦ୍ର

ଅତିଥି ଦେବୋ ଭବଃ... ମର୍ମକୁ ସାକାର କରିବ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ଅତିଥି ସତ୍କାର ପାଇଁ ପରିକ୍ରମା ମାର୍ଗରେ ପ୍ରାୟ ୮ ହଜାର ଭକ୍ତଙ୍କ ଲାଗି ଉପଲବ୍ଧ ହେବ ଅଭ୍ୟର୍ଥନା କେନ୍ଦ୍ର। ଏହା ମଧ୍ୟରେ ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତଙ୍କୁ ଅତ୍ୟାବଶ୍ୟକ ସେବା ଯୋଗାଇ ଦେବାର ସମସ୍ତ ବ୍ୟବସ୍ଥା ରହିବ। ଦକ୍ଷିଣ-ପୂର୍ବ ପାର୍ଶ୍ୱରେ ପ୍ରାୟ ୮୫ ହଜାର ବର୍ଗଫୁଟ୍ ପରିମିତ ଅଞ୍ଚଳରେ ଏହି କେନ୍ଦ୍ର ନିର୍ମିତ ହେଉଛି। ଏହା ମଧ୍ୟରେ ନିରାପତ୍ତା ବ୍ୟବସ୍ଥା ପାଇଁ ବ୍ୟାଗ୍ ସ୍କାନିଂ ସୁବିଧା ରହିବ। ୪ ହଜାର ପରିବାରର ଜିନିଷ ରଖିବା ପାଇଁ ମୁଖ୍ୟ କ୍ଲକ୍ ରୁମ୍ ରହିବ। ପାନୀୟ ଜଳ ଓ ଟଏଲେଟ୍ ସୁବିଧା ସହ ହାତ ଓ ପାଦ ପ୍ରକ୍ଷାଳନ ବ୍ୟବସ୍ଥା ରହିବ। ସୋଭେନିୟର ଓ ବହି ଷ୍ଟୋର୍ ଆଦି ଏହି କେନ୍ଦ୍ର ମଧ୍ୟରେ ଉପଲବ୍ଧ ହେବାର ଯୋଜନା ରହିଛି।

ଅଭ୍ୟର୍ଥନା କେନ୍ଦ୍ରକୁ ୧୦ଟି ପ୍ରବେଶ ପଥ ରହିବ। କେନ୍ଦ୍ର ପରିସରରେ ୧୦ଟି କ୍ଲକ୍ ରୁମ୍ ରହିବ। ସେଠାରେ ଭକ୍ତମାନେ ଜୋତା, ବ୍ୟାଗ, ମୋବାଇଲ ଓ ଅନ୍ୟ ଆସବାବ ସୁରକ୍ଷିତ ରଖି ଦର୍ଶନ ପାଇଁ ଯିବେ। କେବଳ ଶ୍ରୀମନ୍ଦିର ପରିକ୍ରମା ମାର୍ଗ ପ୍ରଦକ୍ଷଣ କରିବାକୁ ଚାହୁଁଥିବା ଭକ୍ତମାନଙ୍କ ପାଇଁ ଉତ୍ତର ଦ୍ୱାର ପାର୍ଶ୍ୱ ଓ ଅନ୍ୟ ଦ୍ୱାର ପାର୍ଶ୍ୱବର୍ତ୍ତୀ ସ୍ଥାନରେ ଜୋତା, ମୋବାଇଲ ଓ ଅନ୍ୟ ଆସବାବ ରଖିବାର ସୁବିଧା ପାଇବେ। ବଡ଼ଦାଣ୍ଡରୁ ଶ୍ରୀମନ୍ଦିରକୁ ପ୍ରବେଶ ଲାଗି ନିର୍ମିତ ଏସି ସେଡେଡ୍ ପାଥ୍-ୱେ ଅଭ୍ୟର୍ଥନା କେନ୍ଦ୍ରକୁ ସଂଯୋଗ ହେବ। ଏହି ସେଡ୍ ମଧ୍ୟ ଦେଇ ଶ୍ରଦ୍ଧାଳୁମାନେ ଅଭ୍ୟର୍ଥନା କେନ୍ଦ୍ରରେ ପହଞ୍ଚିବେ। ୬ଟି ଧାଡ଼ିରେ ଭକ୍ତମାନେ ପ୍ରବେଶ କରିବା ପରେ ଅଭ୍ୟର୍ଥନା କେନ୍ଦ୍ରରେ ଉପଲବ୍ଧ ସେବାର ସୁଯୋଗ ନେବେ। ସେହିଭଳି ଶ୍ରୀଦାଣ୍ଡ ବାଟ ଦେଇ ଆସିବାକୁ ଥିବା ଭକ୍ତମାନେ ଶ୍ରୀଜଗନ୍ନାଥ ବଲ୍ଲଭ ପାର୍କିଂରେ ଗାଡ଼ି ରଖିବା ପରେ ଅଟୋ ଜରିଆରେ ଶ୍ରୀମନ୍ଦିର ଅଭିମୁଖେ ଆସିବେ। ଶ୍ରୀଦାଣ୍ଡ ଦେଇ ଭକ୍ତମାନେ ୪ଟି ଧାଡ଼ିରେ ଅଭ୍ୟର୍ଥନା କେନ୍ଦ୍ରରେ ପହଞ୍ଚିବେ। ଦୁଇ ପାଥୱେରେ ଆସି ୧୦ଟି ଧାଡ଼ିରେ ଭକ୍ତମାନେ ଅଭ୍ୟର୍ଥନା କେନ୍ଦ୍ରରେ ପହଞ୍ଚିବା ପରେ ପାନୀୟ ଜଳ, ପାଦ ପ୍ରକ୍ଷାଳନ, କ୍ଲକ୍ ରୁମ୍ ଆଦିର ସୁବିଧା ନେବେ। ଭକ୍ତମାନେ ସାନଛତା ମଠ ଦେଇ ମେଘନାଦ ପାଚେରି କଡ଼ରେ ସେଡ୍ ପାଥୱେ ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରିବେ। ଗାଣ୍ଠୁଆ ଚଉରା, ଗଡ଼ନ୍ତି ଛକ ଦିଗରୁ ଆସୁଥିବା ଭକ୍ତମାନେ ଦୋଳବେଦୀ କୋଣ ଦେଇ ଆସିବା ପରେ ଗ୍ରାଣ୍ଡ ସେଣ୍ଟରଠାରୁ ଅଭ୍ୟର୍ଥନା କେନ୍ଦ୍ରରେ ପ୍ରବେଶ କରିବେ। ଦୋଳମଣ୍ଡପ ସାହି, କାକୁଡ଼ିଖାଇ ପାର୍ଶ୍ୱରୁ ଆସୁଥିବା ଆସୁଥିବା ଭକ୍ତମାନେ ସିଂହଦ୍ୱାର ଦେଇ ଗ୍ରାଣ୍ଡ ସେଣ୍ଟରଠାରୁ ଅଭ୍ୟର୍ଥନା କେନ୍ଦ୍ରରେ ପ୍ରବେଶ କରିବେ। ଭକ୍ତଙ୍କ ଭିଡ଼ ବଢ଼ିଲେ ବିକଳ୍ପ ବ୍ୟବସ୍ଥା ଆପଣାଯିବ। ଶନିବାର, ରବିବାର ଓ ଅନ୍ୟ ଛୁଟିଦିନମାନଙ୍କରେ ଭକ୍ତମାନଙ୍କର ଧାଡ଼ି ବଢ଼ିଲେ ଜଗନ୍ନାଥ ବ୍ଲଲଭ ପାର୍କିଂରୁ ଶ୍ରୀଦାଣ୍ଡ ଦେଇ ଭକ୍ତମାନେ ଶ୍ରୀକୃଷ୍ଣ ସିନେମା ଗଳିରୁ ବଡ଼ଦାଣ୍ଡ ସେଡ୍ ଦେଇ ଅଭ୍ୟର୍ଥନା କେନ୍ଦ୍ରକୁ ଛାଡ଼ିବାର ବ୍ୟବସ୍ଥା ଆପଣାଯିବ।



ଶିବବ୍ରହ୍ମବନ୍ଦ୍ୟଂ ସ୍ୱଲୀଳାଭିନନ୍ଦ୍ୟଂ
ପଦାନମ୍ରବୀଶଂ ପରାତ୍ମାନମୀଶମ୍।
ଜଡତ୍ୱଂ ହରନ୍ତଂ ମହୈଶ୍ୱର୍ଯ୍ୟବନ୍ତଂ
ମନସ୍ୟପ୍ରମେୟଂ ଜଗନ୍ନାଥମୀଡେ ।।

ଶିବ ଓ ବ୍ରହ୍ମାଙ୍କ ବନ୍ଦନୀୟ, ନିଜକୃତ ଲୀଳାରେ ଅଭିନନ୍ଦନୀୟ, ଯାହାଙ୍କ ପାଦତଳେ ପକ୍ଷିରାଜ ଗରୁଡ଼ ନମ୍ର, ପରମାତ୍ମା, ଈଶ୍ୱର, ଅଜ୍ଞାନରୂପକ ଜଡ଼ତାର ହରଣକାରୀ, ମହା-ଐଶ୍ୱର୍ଯ୍ୟବାନ୍ ତଥା ଅପ୍ରମେୟ ସେହି ଜଗନ୍ନାଥଙ୍କୁ ମୁଁ ମନରେ ପୂଜା କରୁଅଛି ।

(ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ)

# ପ୍ରମୋଦ ଉଦ୍ୟାନରେ ରଥଯାତ୍ରାର ଭ୍ରମ

## ପୌଷରେ ଦେଖିହେବ ଆଷାଢ଼ର ତିନି ରଥ

ପୁରୀ,୧୦।୧(ସମିସ): ଆସନ୍ତା ୧୭ ତାରିଖ ପୌଷ ଶୁକ୍ଳପକ୍ଷ ସପ୍ତମୀ ତିଥିରେ ଶ୍ରୀକ୍ଷେତ୍ରରେ ଏକାଠି ହେବେ ଦେଶର ପ୍ରମୁଖ ଦେବପୀଠର ମୁଖ୍ୟ। ପୁଣି ଆମନ୍ତ୍ରିତ ଅତିଥି ଭାବେ ବହୁ ସାଧୁସନ୍ଥ, ବିଶିଷ୍ଟ ବ୍ୟକ୍ତି ଯୋଗଦେବେ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଅବସରରେ ଶ୍ରୀକ୍ଷେତ୍ର ପୁରୀ ସମସ୍ତଙ୍କ ନଜର ଟାଣିବ। ବଡ଼ଦେଉଳ ଚତୁଃପାର୍ଶ୍ୱ ନୂଆରୂପକୁ ଦେଖିବେ ସମସ୍ତେ। ତେବେ ବାହାରୁ ଆସୁଥିବା ଅତିଥିମାନଙ୍କୁ ଶ୍ରୀଜଗନ୍ନାଥ ସଂସ୍କୃତି ସହ ଯୋଡ଼ିବା ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି। ମହାପ୍ରଭୁଙ୍କ ୨୫ ବେଶ, ତିନିରଥ, ଠାକୁରଙ୍କ ପାରମ୍ପରିକ ବସ୍ତ୍ର, ଅବ୍ୟବହୃତ ପୂଜା ସାମଗ୍ରୀ ଭକ୍ତ ତଥା ଅତିଥିମାନଙ୍କ ଉଦ୍ଦେଶ୍ୟରେ ପ୍ରଦର୍ଶିତ ହେବ। ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନରେ ସୃଷ୍ଟି ହେବ ରଥଯାତ୍ରାର ଭ୍ରମ। ପୌଷ ମାସରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଦେଖିପାରିବେ ଆଷାଢ଼ ମାସରେ ହେଉଥିବା ତିନିରଥ। ଏଥିପାଇଁ ରଥଗୁଡ଼ିକର ପ୍ରସ୍ତୁତି କାମ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

ପରିକ୍ରମା ପ୍ରକଳ୍ପ ଲୋକାର୍ପଣରେ ଶ୍ରୀକ୍ଷେତ୍ରକୁ ଜଗନ୍ନାଥମୟ କରିବା ପାଇଁ ଉଦ୍ୟମ ଜାରି ରହିଛି। ଏହି କ୍ରମରେ ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନ ଜଗନ୍ନାଥ ବଲ୍ଲଭ ମଠ ପରିସରରେ ତିନିରଥ (ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ) ପ୍ରଦର୍ଶନ କରାଯିବ। ଏଥିପାଇଁ ପ୍ରଶାସନ ପକ୍ଷରୁ ନନ୍ଦିଘୋଷର ରଥର ମୁଖ୍ୟ ରୂପକାର ରାଜେନ୍ଦ୍ର ମହାପାତ୍ରଙ୍କୁ ଏହି ଦାୟିତ୍ୱ ଦେଇଛି ପ୍ରଶାସନ। ନିର୍ଦ୍ଦେଶ ପାଇବା ମାତ୍ରେ ମହାପ୍ରଭୁଙ୍କ କାମରେ ଲାଗିପଡ଼ିଛନ୍ତି ରାଜେନ୍ଦ୍ର ଏବଂ ସାଥୀ। ଆଷାଢ଼ ମାସରେ ବଡ଼ଦାଣ୍ଡରେ ଗଢୁଥିବା ତିନିରଥର ଠିକ୍ ଅବିକଳ ଭାବେ ତିଆରି କରାଯାଉଛି। କେବଳ ଫରକ୍ ରହିବ ରଥର ଉଚ୍ଚତା। ଏହାବାଦ୍ ଆଉ ସବୁକିଛିକୁ ନିଖୁଣ ଭାବେ ନିର୍ମାଣ କରିଛନ୍ତି କାରିଗର।

ସୂଚନା ଅନୁସାରେ ନିଷ୍ଠାର ସହ ପ୍ରାୟ ୨୦ରୁ ୨୫ ଜଣ ମାସେ ହେବ ଏହି ରଥ ନିର୍ମାଣରେ ନିୟୋଜିତ ଅଛନ୍ତି। ଅବିକଳ ଭାବେ ତିନିରଥକୁ ରୂପ ଦେବାରେ ଲାଗି ପଡ଼ିଛନ୍ତି। ପ୍ରାୟ ଶେଷ ପର୍ଯ୍ୟାରେ ପହଞ୍ଚିଥିବା ଏହି ରଥ ୧୨ ତାରିଖ ସୁଦ୍ଧା ଜଗନ୍ନାଥ ବଲ୍ଲଭ ପରିସରରେ ପ୍ରଦର୍ଶିତ ହେବ। ତିନିରଥ ମଧ୍ୟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ଏବଂ ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥର ଉଚ୍ଚତା ୮ ଫୁଟ ୩ ଇଞ୍ଚ ଲେଖାଏଁ ରହିଥିବା ବେଳେ ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥର ଉଚ୍ଚତା ୮ ଫୁଟ ରହିଛି। ସେହିପରି ନନ୍ଦିଘୋଷ ରଥର ଚଉଡ଼ା ୫ ଫୁଟ ୩ ଇଞ୍ଚ ରହିଥିବା ବେଳେ ଅନ୍ୟ ଦୁଇରଥର ଚଉଡ଼ା ୫ ଫୁଟ ରହିଛି।

ମୁଖ୍ୟତଃ ଏହାକୁ ସଂରକ୍ଷଣ କରି ରଖାଯିବାକୁ ଥିବାରୁ ଏଥିରେ ସେହିପରି କାଠ ଅର୍ଥାତ୍ ଶାଳ, ଶାଗୁଆନ, ଆକାଶୀ, ଗମ୍ଭାରୀ କାଠ ବ୍ୟବହାର କରାଯାଇଛି। ରଥଯାତ୍ରା ସମୟରେ ତିନିରଥର ଯେଉଁସବୁ ଅଂଶ ଥାଏ ଯେପରି କି, ଚକ, ଅଖ, ଅର, ଗୁଜ, କଣଗୁଜ, ହଂସପଟା, ଠେକରାବାଡ଼, କନ୍ୟାପଟା, ପାରାଭାଡ଼ି, ଖପୁରୀ, ଓଲଟ ଶୁଆ, ଦଧି ନଉତି ଇତ୍ୟାଦି ଲଗାଯାଉଛି। ସେହିପରି ଶିଖର ଡମ୍ବରୁ ଭିତରେ ପାର୍ଶ୍ୱ ଦେବାଦେବୀ, ଇଷ୍ଟ, ଜୁଆଳି ଘୋଡ଼ା, ସାରଥୀ ବି ରହିବେ। ସବୁଠୁ ଆକର୍ଷଣୀୟ ଭାବେ ପ୍ରଭା ନିଶ୍ଚିତ ଦେଖଣାହାରୀଙ୍କ ମନ ଜିଣିବ। ମୋଟାମୋଟି କହିବାକୁ ଗଲେ ରଥଯାତ୍ରାରେ ନିର୍ମାଣ ହେଉଥିବା ତିନିରଥର ଏହା ଅବିକଳ କପି। କେବଳ ଖାଲି ରଥ ନୁହେଁ, ଏଥିରେ ବିରାଜିବେ ଦାରୁବିଗ୍ରହ। ନନ୍ଦିଘୋଷ ରଥରେ ୧୧ ଇଞ୍ଚର ଜଗନ୍ନାଥ, ତାଳଧ୍ୱଜ ରଥରେ ୧୧ ଇଞ୍ଚର ବଳଭଦ୍ର ଏବଂ ଦେବଦଳନ ରଥରେ ୧୦ ଇଞ୍ଚର ସୁଭଦ୍ରାଙ୍କ ମୂର୍ତ୍ତି ବିରାଜମାନ କରିବେ। ଏଥିସହ ଶ୍ରୀସୁଦର୍ଶନ ମଧ୍ୟ ରଥରେ ଶୋଭା ପାଇବେ। ତେଣୁ ସମସ୍ତ କାମକୁ ଅତି ନିଖୁଣ ଭାବେ ନିର୍ମାଣ କରାଯାଇଛି ବୋଲି କହିଛନ୍ତି ରାଜେନ୍ଦ୍ର।

ଜଣେ ରୂପକାର ସେବକ ହୋଇଥିଲେ ହେଁ ତାଙ୍କ ଉପରେ ରଥ ନିର୍ମାଣର ସମ୍ପୂର୍ଣ୍ଣ ଦାୟିତ୍ୱ ନ୍ୟସ୍ତ କରାଯିବା ସମ୍ପର୍କରେ ରାଜେନ୍ଦ୍ର କହିଛନ୍ତି, ଏହା ବୋଧହୁଏ ମହାପ୍ରଭୁଙ୍କ ଇଚ୍ଛା। ରଥଯାତ୍ରାରେ ଠାକୁରଙ୍କର ରଥ ପାଇଁ ଖୋଦେଇ କାମ କରୁ। ହେଲେ ମହାପ୍ରଭୁଙ୍କ କୃପାରୁ ରଥ ନିର୍ମାଣ କରିବାର ସାମର୍ଥ୍ୟ ବି ରହିଛି। ପୂର୍ବରୁ ଦିଲ୍ଲୀ ଫରିଦାବାଦରେ ୩୦ ଫୁଟର ରଥ ଏବଂ ବମ୍ବେର ଶିବାଜୀ ପାର୍କରେ ୫୦ ଫୁଟର ରଥ ନିର୍ମାଣ କରିଥିଲି। ତେଣୁ ପ୍ରଶାସନଠାରୁ ନିର୍ଦ୍ଦେଶ ପାଇବା ପରେ ଖୁସି ହେଲି। ସାଥୀ ଭାଇମାନଙ୍କ ସହଯୋଗରେ ମହାପ୍ରଭୁଙ୍କ ତିନିରଥ ନିର୍ମାଣ କରିଛି। ଏହା ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଅବସରରେ ଜଗନ୍ନାଥ ବଲ୍ଲଭ ମଠ ପରିସରରେ ପ୍ରଦର୍ଶିତ ହେବ ବୋଲି କହିଛନ୍ତି ରାଜେନ୍ଦ୍ର।



# ଅନନ୍ତ ଲୀଳାମୟ ଶ୍ରୀଜଗନ୍ନାଥ

ରାଜା ଗଜପତି ସାଲବେଗଙ୍କୁ ଏକଦା ପଚାରିଲେ — ହେ ସନ୍ଥ ଶିରୋମଣି ସାଲବେଗ! ମୋତେ ଦୟାକରି ବୁଝାଇ ଦିଅନ୍ତୁ, ମହାପ୍ରଭୁଙ୍କର ଏମିତି ଦରଗଢ଼ା ରୂପ କାହିଁକି ମନୁଷ୍ୟ ସୃଷ୍ଟି କରିଛି? ନା ମୁହଁ ଅଛି ନା କାନ ଅଛି, ନା ହାତଗୋଡ଼ ଅଛି, ନା ଗଣ୍ଡି ଅଛି।

ଇୟେ ମନୁଷ୍ୟର ରୂପ ନୁହେଁ କି, ଏ ସଂସାରର ଅନ୍ୟ କୌଣସି ଜୀବସତ୍ତାର ରୂପ ନୁହେଁ। କିମ୍ବା ପୁରାଣ ବର୍ଣ୍ଣିତ କୌଣସି ଦେବାଦେବୀର ରୂପ ନୁହେଁ। ସେ ଯଦି ନିରାକାର, ନିର୍ଗୁଣ ପରମବ୍ରହ୍ମ ଯିଏ ମନ, ଇନ୍ଦ୍ରିୟ, ବୁଦ୍ଧିର ଅଗୋଚର, ତାଙ୍କୁ ମଣିଷ କାହିଁକି ଏପରି ଆଙ୍କିଛି?



ସାଲବେଗ ନମ୍ର ଓ କ୍ଷୀଣ ସ୍ୱରରେ କହିଲେ— ମଣିମା, ତାଙ୍କର ଲୀଳାକୁ କିଏ ବା ବୁଝିପାରିବ?

ସେହିପରି କୌଣସି ଭକ୍ତ-ଶିଳ୍ପୀ ପରଂବ୍ରହ୍ମଙ୍କର ନିରାକାର ନିର୍ଗୁଣ ଅରୂପକୁ ସାକାର ରୂପଟିଏ ଦେବାପାଇଁ କେବେ ହୁଏତ କେଉଁ ସମୟରେ ବା କେଉଁକାଳରେ ଚେଷ୍ଟା ଚଳାଇଥିଲା। ଧୀରେ ଧୀରେ ଖଣ୍ଡିଏ ଖଣ୍ଡିଏ କାଷ୍ଠରେ ନିର୍ମାଣ କରୁଥିଲା ନିଜ ନିହାଣ ମୁନରେ ତାଙ୍କର ସ୍ୱରୂପକୁ। ଅଗ୍ରସର ହେଉଥିଲା - ଚରୈବତି ପଥରେ ଆଙ୍କୁଥିଲା ମୂର୍ତି - ସୋପାନ ପରେ ସୋପାନ କରୁଥିଲା ଅତିକ୍ରମ। କିନ୍ତୁ ଯେତେବେଳେ ସେ ତାଙ୍କର ପରମ ପୂର୍ଣ୍ଣରୂପକୁ ଦର୍ଶନ କଲା, ସେତେବେଳେ ନିହାଣ ଓ ହାତୁଡ଼ି ଖସିପଡ଼ିଲା ତା' ହାତରୁ। ନିଶ୍ଚଳ ହେଇଗଲା ଦେହ, ମନ, ଇନ୍ଦ୍ରିୟ ଓ ବୁଦ୍ଧି। ବାହାରି ଗଲା ସୀମିତ ଇଲାକାରୁ, ନୈର୍ବ୍ୟକ୍ତିକ ରାଜ୍ୟର ସୀମା କ୍ରମଶଃ ପାରହୋଇ ସେହି ଏକ ଓ ଅଭିନ୍ନ ପରଂବ୍ରହ୍ମଙ୍କ ସହିତ ଏକାକାର ହେଇଗଲା। ସେଠୁ କିଏ ବା ଫେରି ଆସିପାରିବ ଏବଂ କହିବ ସେଠାକାର କଥା? ଯେତେବେଳେ ଶିଳ୍ପୀର ରକ୍ତ-ମାଂସର ଦେହଟା ପଞ୍ଚଭୂତରେ ମିଶିଗଲା, ସେ କେମିତି ବା ପୂର୍ଣ୍ଣ କରିପାରିଥାନ୍ତା ପରଂବ୍ରହ୍ମଙ୍କର ସ୍ୱରୂପକୁ ତିନିଖଣ୍ଡ କାଠଗଣ୍ଡିରେ? ସେ ସେମିତି ଅଧାଗଢ଼ା ରହିଗଲେ। ଆଉ ଯିଏ ବି ଭବିଷ୍ୟତରେ କେବେ ରୂପ ଦେବାକୁ ଚେଷ୍ଟା କରିବ, ସେଗୁଡ଼ିକ ମଧ୍ୟ କେବଳ ଅଧା ଗଢ଼ା ହେବ ହିଁ ହେବ।

ପରଂବ୍ରହ୍ମଙ୍କୁ କେହି ରୂପ ଦେଇପାରିବେ ନାହିଁ। ଅଧାଗଢ଼ା ରହିଗଲେ ବୋଲି ଯେ ସେ ପରଂବ୍ରହ୍ମ ନୁହନ୍ତି, ତାହା ଭାବିବା ଏକଦମ୍ ଭୁଲ। କାରଣ ସେହି ଦାରୁବ୍ରହ୍ମ ଜଗନ୍ନାଥ ହିଁ ପୂର୍ଣ୍ଣବ୍ରହ୍ମଙ୍କର ଏକ ପ୍ରତୀକ ମାତ୍ର। ସେ ଓଁ କାର ବ୍ରହ୍ମ।

- ମନୋଜ କୁମାର ମହାପାତ୍ର
ସାଲବେଗ ପୁସ୍ତକ (ପୃଷ୍ଠା-୨୫୨)

## ଜୟପୁରରେ ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା



**ଜୟପୁର,୧୦।୧(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସହରରେ ଜୟ ଜଗନ୍ନାଥ ଅର୍ପଣ ରଥ ବୁଧବାର ପୌରସଂସ୍ଥାର ୩ଟି ୱାର୍ଡ ପରିକ୍ରମା ଏବଂ ବ୍ଲକର ୫ଟି ଗ୍ରାମ ପଞ୍ଚାୟତରେ ପରିକ୍ରମା କରିଥିଲା। ଜୟପୁର ପୌରସଂସ୍ଥାର ୨୨, ୨୩ ଏବଂ ୨୪ ନମ୍ବର ୱାର୍ଡରେ ଏହି ରଥ ପରିକ୍ରମା ଅବସରରେ ମୁଖ୍ୟ ଅତିଥି ଭାବେ ଜୟପୁର ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ପୂଜାର୍ଚ୍ଚନା ପରେ ଘର ଘରକୁ ପରିକ୍ରମା ରଥ ପହଞ୍ଚି ଚାଉଳ ଓ ଗୁଆ ସଂଗ୍ରହ କରିଥିଲେ। ଏହି ଅବସରରେ ସାହିବାସିନ୍ଦା, ଭକ୍ତ ଓ ଶ୍ରଦ୍ଧାଳୁମାନେ ସଂକୀର୍ତ୍ତନରେ ପରିକ୍ରମା ରଥକୁ ପୂଜାର୍ଚ୍ଚନା କରିବା ସହ ସ୍ୱାଗତ କରିଥିଲେ ଏବଂ ଚାଉଳ ଓ ଗୁଆ ପ୍ରଦାନ କରିଥିଲେ। ପୂର୍ବାହ୍ନ ୧୦ଟାରୁ ଶୁଭାରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ଦୁଇଟି ରଥ ପରିକ୍ରମା କରିଥିବାବେଳେ ୨୨ ଏବଂ ୨୩ ନମ୍ବର ୱାର୍ଡର ସାହି ବାସିନ୍ଦା ଓ ଭକ୍ତଙ୍କ ପାଇଁ ରାଜୁ ସାହି ଛକ ପଞ୍ଚାନନ ମନ୍ଦିର ଏବଂ ୨୪ ନମ୍ବର ୱାର୍ଡର ଭକ୍ତଙ୍କ ପାଇଁ ସ୍ଥାନୀୟ ରସିକ ସିରୋମଣି ମନ୍ଦିରଠାରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଏଥିରେ ଉପାଧ୍ୟକ୍ଷା ବି. ସୁନିତା, କାଉନ୍ସିଲର ବି. ବିଷ୍ଣୁବର୍ଦ୍ଧନ ରେଡ୍ଡି, ରବିନ୍ଦ୍ର ପ୍ରସାଦ ସାହୁ, କେସିସି ବ୍ୟାଙ୍କ ପୂର୍ବତନ ସଭାପତି ଡ. ଇନ୍ଦିରା ନନ୍ଦ, ପୂର୍ବତନ କାଉନସିଲର ଆନନ୍ଦ ମହାପାତ୍ର, ଟୁଇଙ୍କେଲ ମିଶ୍ର, ଶ୍ରଦ୍ଧାଳୁ, ସାହି ବାସିନ୍ଦା ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ସେହିପରି ଜୟପୁର ବ୍ଲକର ୫୬ଟି ଗ୍ରାମ ପଞ୍ଚାୟତରେ ୫ଟି ରଥ ପରିକ୍ରମା କରିଥିଲା। ଅନ୍ତା ଗ୍ରାମ ପଞ୍ଚାୟତର ସଦର ମହକୁମା ଠାକୁରାଣୀ ମନ୍ଦିରଠାରୁ ଶୁଭାରମ୍ଭ ହୋଇ ସିଆଡିମାଳ ଗ୍ରାମର ତ୍ରିନାଥ ମନ୍ଦିରରେ ଶେଷ ହୋଇଥିଲା। ସେହିପରି ଆମ୍ବାଗୁଡ଼ା ଗ୍ରାମପଞ୍ଚାୟତର ସଦର ଗ୍ରାମର ଜଗନ୍ନାଥ ମନ୍ଦିର ଆରମ୍ଭ ସମସ୍ତ ଗ୍ରାମ ବୁଲିବା ପରେ ଉକ୍ତ ମନ୍ଦିରରେ ଶେଷ ହୋଇଥିଲା। ରଣ୍ଡାପାଲ୍ଲୀ ଗ୍ରାମ ପଞ୍ଚାୟତର ବାମନଦେଈ ମନ୍ଦିରର ବାହାରି ପରିକ୍ରମା ପରେ ପୁଣି ଉକ୍ତ ମନ୍ଦିରରେ ଶେଷ ହୋଇଥିଲା। ଧନପୁର ଗ୍ରାମପଞ୍ଚାୟତର ବଡ଼କାଉଡ଼ି ଗ୍ରାମ ତ୍ରିନାଥ ମନ୍ଦିରରୁ ବାହାରି ଓ ଧନପୁର ଗ୍ରାମ ତ୍ରିନାଥ ମନ୍ଦିରରେ ଶେଷ ହୋଇଥିଲା। ସେହିପରି ଅନ୍ତିମ ରଥ କେବିଡି ଗ୍ରାମପଞ୍ଚାୟତର ବାଟ ଜଗନ୍ନାଥପୁର ଗ୍ରାମର ଜଗନ୍ନାଥ ମନ୍ଦିରରୁ ବାହାରି ପଞ୍ଚାୟତର ବିଭିନ୍ନ ଗ୍ରାମ ବୁଲିବା ପରେ ମାଳିକରଚି ରାଧାକୃଷ୍ଣ ମନ୍ଦିରରେ ଶେଷ ହୋଇଥିଲା। ଏହି ଅବସରରେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ସରପଞ୍ଚ, ସମିତିସଭ୍ୟ, ୱାର୍ଡ ମେମ୍ବର, ଗ୍ରାମବାସୀ, ସଂକୀର୍ତ୍ତନ ମଣ୍ଡଳୀ, ଭକ୍ତ ଓ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

## ବିଏସ୍‌ଏଫ୍ ପକ୍ଷରୁ ଜନସମ୍ପର୍କ ଶିବିର



**ଚିତ୍ରକୋଣ୍ଡା,୧୦।୧(ସମିସ):** ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ଦୁର୍ଗମ ଧୂଳିପୁଟ ପଞ୍ଚାୟତର ମଣ୍ଡାପଲ୍ଲୀ ଗ୍ରାମରେ ବିଏସଏଫ୍ ପକ୍ଷରୁ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱାଭିମାନ ଅଞ୍ଚଳର ଧୂଳିପୁଟ ଗ୍ରାମ ପଞ୍ଚାୟତର ମଣ୍ଡାପଲ୍ଲୀ ଗ୍ରାମଠାରେ ୧୭୭ ବାଟାଲିୟନ ବିଏସଏଫ୍ ପକ୍ଷରୁ ଜନସମ୍ପର୍କ ଶିବିରର ଆୟୋଜନ କରାଯାଇଥିଲା। ଏହି ଶିବିରରେ ଧୂଳିପୁଟ ପଞ୍ଚାୟତ ଓ ତା'ର ଆଖପାଖ ଗ୍ରାମ କୋଟାଦୁରୁ, କୋତାଉରୁ, ଲିମିବିଧି, ଗ୍ରାମର ଗ୍ରାମବାସୀ ଏହି ଶିବିରରେ ଅଂଶଗ୍ରହଣ କରିଥିଲେ। ବିଏସଏଫ୍ ୧୭୭ ବାଟାଲିୟନ କମାଣ୍ଡାଣ୍ଟ କମଳ ଖୁଲବେ, ଟୁ ଓଆଇସି ହାୱା ସିଂ ଯାଦବ, ଡେପୁଟି କାମାଣ୍ଡାଣ୍ଟ ବିଶାଳ ସିଂ, କମ୍ପାନୀ କାମାଣ୍ଡାଣ୍ଟ ଯୋଗେଶ କୁମାର, ଇନ୍ସପେକ୍ଟର ରାକେଶ କୁମାର ମିଶ୍ରଙ୍କ ଉପସ୍ଥିତିରେ ଏହି ଜନସମ୍ପର୍କ ଶିବିର ଆୟୋଜନ କରାଯାଇଥିଲା। ଧୂଳିପୁଟ ଓ ତା'ର ଆଖପାଖ ଅଞ୍ଚଳର ୫୦୦ରୁ ଅଧିକ ଲୋକ ଏହି ଜନସମ୍ପର୍କ ଶିବିରରେ ଯୋଗଦେଇଥିଲେ। ବିଏସଏଫ୍ ତରଫରୁ ବିଭିନ୍ନ ପ୍ରକାରର ଖେଳ ସାମଗ୍ରୀ ଭଲିବଲ ସେଟ, ଫୁଟବଲ, କ୍ରିକେଟ ବ୍ୟାଟ, ବଲ, ପାଣି, ପାଠ୍ୟ ଉପକରଣ, ପେନସିଲ, ପେନ, ଖାତା ଓ ଘରେ ବ୍ୟବହୃତ ସାମଗ୍ରୀ ଯଥା- ଗାମୁଛା, ଚଦର, ଦା, କୋଡ଼କି, ବେଲଚା, ପିକାସି ଆଦି ପ୍ରଦାନ କରାଯାଇଥିଲା। ଧୂଳିପୁଟ ସରପଞ୍ଚ ଏସ୍ ବାରାଣ୍ଡି, ଲିମିବିଧି ଗ୍ରାମ ମେମ୍ବର କୋଣ୍ଡାମା, କୋଟାଦୁରୁ ମେମ୍ବର ବାବୁରାଓଙ୍କ ଉପସ୍ଥିତିରେ କୋତାଉରୁଠାରେ ଥିବା ପ୍ରାଥମିକ ବିଦ୍ୟାଳୟକୁ ଏକ ୫୦୦ ଲିଟର ପାଣିଟାଙ୍କି ପ୍ରଦାନ କରାଯାଇଥିଲା। କିଛି ବର୍ଷ ହେଲା ସ୍ୱାଭିମାନ ଅଞ୍ଚଳର ବିଭିନ୍ନ ସ୍ଥାନରେ ବିଏସଏଫ୍ ପକ୍ଷରୁ ବର୍ଷକୁ ଥରେ ସିଭିଲ ଆକ୍ସନ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ଗ୍ରାମର ଅଧିବାସୀଙ୍କୁ ନେଇ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି। ଏହିପରି କାର୍ଯ୍ୟକ୍ରମ ସ୍ୱାଭିମାନ ଅଞ୍ଚଳରେ ଅନୁଷ୍ଠିତ ହେଉଥିବାରୁ ବିଏସଏଫ ଆହୁରି ଅଧିକ ଲୋକଙ୍କ ନିକଟତର ହୋଇପାରୁଛି।

### ମାଲକାନଗିରି ଜିଲ୍ଲାରେ ପକ୍ଷୀଗଣନା କାର୍ଯ୍ୟକ୍ରମ

# ଜିଲ୍ଲାରେ ବଢ଼ିବାରେ ଲାଗିଛି ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା



ମାଲକାନଗିରି,୧୦।୧(ସମିସ)

ବିଦେଶୀ ପକ୍ଷୀଙ୍କ ନୂଆ ଠିକଣା ସାଜିଛି ମାଲକାନଗିରି ଜିଲ୍ଲା। ନୂଆ ଅତିଥିଙ୍କୁ ଦେଖିବାକୁ ବଢୁଛି ପର୍ଯ୍ୟଟକଙ୍କ ସଂଖ୍ୟା। ଆଉ ଏଥିପାଇଁ ବନ ବିଭାଗ ପକ୍ଷରୁ ପକ୍ଷୀଙ୍କ ଗଣନା ଆରମ୍ଭ କରାଯାଇଥିବାବେଳେ ବିଦେଶୀ ପକ୍ଷୀଙ୍କ ସୁରକ୍ଷା ପାଇଁ ବୋଟ ପାଟ୍ରୋଲିଂ ସହ ସଚେତନତା ଅଭିଯାନ ଆରମ୍ଭ କରିଛି ବନ ବିଭାଗ।

ସୂଚନା ଅନୁଯାୟୀ, ମାଲକାନଗିରି ବନଖଣ୍ଡରେ ପକ୍ଷୀ ଗଣନା କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ବୁଧବାର ଏହା ଶେଷ ହୋଇଛି। ଏହି ଗଣନାରେ ଜିଲ୍ଲାର ୧୦ଟି ସ୍ଥାନରେ ୧୦ଟି ଟିମକୁ ନେଇ ପକ୍ଷୀ ଗଣନା କରଯାଇଥିଲା। ପକ୍ଷୀ ଗଣନାରୁ ମୋଟ ୫୫ ପ୍ରଜାତିର ବିଦେଶାଗତ ପକ୍ଷୀ ଥିବାର ଜଣାପଡ଼ିଛି। ଆକଳନରେ ମାଲକାନଗିରି ବନାଞ୍ଚଳର ସତିଗୁଡ଼ା ବନ୍ଧ, ମାଥିଲି ବନାଞ୍ଚଳର ଶିବ ସାଗର ଏବଂ ବାଲିମେଲା ମାଟିବନ୍ଧ ଚିତ୍ରକୋଣ୍ଡାଠାରେ ସର୍ବାଧିକ ବିଦେଶାଗତ ପକ୍ଷୀଙ୍କର ଆଗମନ ହୋଇଥିବା ଦେଖାଯାଇଛି। ବିଗତ ବର୍ଷମାନଙ୍କ ତୁଳନାରେ ଚଳିତ

**● ଚଳିତ ବର୍ଷ ଆସିଛନ୍ତି ୫୫ ପ୍ରଜାତିର ବିଦେଶାଗତ ପକ୍ଷୀ**

ବର୍ଷ ସର୍ବାଧିକ ପକ୍ଷୀ ଏବଂ ବିଦେଶାଗତ ପକ୍ଷୀଙ୍କ ପ୍ରଜାତିର ଆଗମନ ହୋଇଥିବାରୁ ପକ୍ଷୀପ୍ରେମୀ ଏବଂ ପରିବେଶବିତ୍, ବନ ବିଭାଗର କର୍ମଚାରୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ତେବେ ଏହି ପକ୍ଷୀମାନଙ୍କର ସୁରକ୍ଷା ନିମନ୍ତେ ମଧ ବନ ବିଭାଗ ପକ୍ଷରୁ ସତର୍କତା ଅବଲମ୍ବନ କରୁଥିବା ଦେଖାଯାଇଛି। ଚଳିତବର୍ଷ ପକ୍ଷୀଗଣନା ନିମନ୍ତେ ଗତ ୮ ତାରିଖରୁ ସମସ୍ତ ପ୍ରସ୍ତୁତି କାର୍ଯକ୍ରମ ଚାଲିଥିବାବେଳେ କ୍ଷେତ୍ର କର୍ମଚାରୀମାନଙ୍କୁ ପକ୍ଷୀ ବିଶେଷଜ୍ଞ ସନ୍ତୋଷ କୁମାର ପଣ୍ଡା ଏବଂ କ୍ଷେତ୍ର କର୍ମଚାରୀ ପ୍ରଶିକ୍ଷଣ କେନ୍ଦ୍ର ଅନୁଗୋଳର ପ୍ରଶିକ୍ଷକ ଆଶୁତୋଷ ମଲ୍ଲିକ ତାଲିମ ପ୍ରଦାନ କରିଥିଲେ। ପକ୍ଷୀ ଗଣନାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ନିମନ୍ତେ ବନଖଣ୍ଡ ଅଧିକାରୀ ପ୍ରତାପ କୋଟାପାଲ୍ଲୀ ସମସ୍ତ କାର୍ଯ୍ୟକ୍ରମ ଉପରେ ବିଶେଷ ଦୃଷ୍ଟି ଦେଇ ସହକାରୀ ବନ ସଂରକ୍ଷକ ଲିଲୀ ଅମନାତ୍ୟ ଓ କନ୍ଦନ ସିଂଙ୍କ ସହଯୋଗରେ ତଦାରଖ ଏବଂ ପରିଚାଳନା କରିଥିଲେ। ପକ୍ଷୀଗଣନାରେ ମାଲକାନଗିରି ବନଖଣ୍ଡର ସମସ୍ତ ବନାଞ୍ଚଳ ଅଧିକାରୀ, ବନପାଳ ଓ ବନରକ୍ଷୀମାନେ ସୁଚାରୁ ରୂପେ ଦାୟିତ୍ୱ ନିର୍ବାହ କରିଥିଲେ। ଚଳିତ ବର୍ଷ ହୋଇଥିବା ପାକ୍ଷୀ ଗଣନାରେ ସୃଷ୍ଟି ଏନଜିଓର କର୍ମକର୍ତ୍ତା ସମସ୍ତ ବନାଞ୍ଚଳରେ ପକ୍ଷୀ ଗଣନାରେ ସାହାଯ୍ୟ ସହଯୋଗ କରିଥିଲେ।

## ମାଥିଲି ବନାଞ୍ଚଳରେ ୫୫୫୧ ଚିହ୍ନଟ



**ମାଥିଲି,୧୦।୧(ସମିସ):** ମାଲକାନଗିରି ଜିଲ୍ଲାର ମାଥିଲି ରେଞ୍ଜରେ ବୁଧବାର ୨୦୨୪-୨୫ ମସିହାର ପକ୍ଷୀ ଗଣନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମାଥିଲି ସଦରରେ ଥିବା ଶିବ ସାଗରଠାରେ ବନ ବିଭାଗ ପକ୍ଷରୁ ପକ୍ଷୀ ଗଣତି କାର୍ଯ୍ୟ କରାଯାଇଥିଲା। ଏହି ଗଣତିରେ ମୋଟ ୫୫୫୧ଟି ବିଭିନ୍ନ ପ୍ରଜାତିର ପକ୍ଷୀ ଚିହ୍ନଟ କରାଯାଇଥିବା ଜଣାପଡ଼ିଛି। ଏହି ପକ୍ଷୀଙ୍କ ମଧ୍ୟରେ ବିଶେଷକରି ହଂସରାଳି, ପାଣି କୁଆ, ପାଣି ଡୁବୁକି, ପାଣି କୁକୁଡ଼ା, ବଡ଼ ଡାହୁକ, ବିଭିନ୍ନ ପ୍ରଜାତିର ବଗ, ମାଛରଙ୍କା ଇତ୍ୟାଦି ଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ଏହି ଗଣନା ପ୍ରକ୍ରିୟା ମାଥିଲି ରେଞ୍ଜ ଅଫିସର ବାସୁଦେବ ନାୟକଙ୍କ ନେତୃତ୍ୱରେ ହୋଇଥିବାବେଳେ ଏଥିରେ ବନ ବିଭାଗର ଫରେଷ୍ଟର, ଫରେଷ୍ଟ ଗାର୍ଡ ଓ ସ୍କ୍ୱାଡ୍ ମୋଟ ୧୨ ଜଣ କର୍ମଚାରୀ ଉପସ୍ଥିତ ଥିଲେ।

# ଗରମ ତେଲ ପଡ଼ି ଛାତ୍ରୀ ଆହତ



ରାୟଗଡ଼ା,୧୦।୧(ସମିସ): ରାୟଗଡ଼ାରେ 'ନୂଆ-ଓ' କାର୍ଯ୍ୟକ୍ରମ ଚାଲିଥିବାବେଳେ ଘଟିଛି ଅଘଟଣ। କାର୍ଯ୍ୟକ୍ରମରେ ରନ୍ଧା ଖାଦ୍ୟ ଖାଇବା ପାଇଁ ଛାତ୍ରଛାତ୍ରୀମାନେ ଠେଲାପେଲା ବେଳେ ଜଣେ ଛାତ୍ରୀଙ୍କ ଗୋଡ଼ରେ ଗରମ ତେଲ ପଡ଼ିଯିବାରୁ ଛାତ୍ରୀ ଜଣକ ଗୁରୁତର ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବାବେଳେ ଆଉ ଜଣେ ଛାତ୍ରୀ ମଧ ଅଚେତ ହୋଇଯିବାରୁ ତାଙ୍କୁ ମଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଚିକିତ୍ସା ପରେ ସେମାନଙ୍କ ଅବସ୍ଥା ଭଲ ରହିଥିବା ଜଣାପଡ଼ିଛି। ବୁଧବାର ରାୟଗଡ଼ାର ଜିଆଇସିଏଆର୍ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା 'ଯୁବ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକର ବିଭିନ୍ନ ସ୍କୁଲ, କଲେଜର ପାଖାପାଖି ୧୫ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଦୁଇ ଜଣ ଛାତ୍ରୀ ମେଡିକାଲରେ ଭର୍ତ୍ତି ହୋଇଥିବା ଖବର ପାଇ ଜିଲ୍ଲାପାଳ ସ୍ୱାଧାଦେବ ସିଂ, ସିଡିଏମଓ ଡାକ୍ତର ଲାଲମୋହନ ରାଉତରାୟଙ୍କ ସମେତ ଅନ୍ୟମାନେ ପହଞ୍ଚି ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି। ଘଟଣାକୁ ନେଇ ଜିଲ୍ଲା ପ୍ରଶାସନର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଶାସନ ତରଫରୁ ସୂଚନା ଦେଇଛନ୍ତି ଯେ, ବୁଧବାର 'ନୂଆ-ଓ' କାର୍ଯ୍ୟକ୍ରମରେ ଜଣେ ଛାତ୍ରୀ ଜଳୀୟ ଅଂଶ କମିଯାଇଥିବାରୁ ଚେତା ଶୂନ୍ୟ ହୋଇଥିଲେ

**● ଜଳୀୟ ଅଂଶ କମିବାରୁ ଆଉ ଜଣେ ଛାତ୍ରୀ ଅଚେତ**

ଏବଂ ଆଉ ଜଣେ ଯୁବତୀ ଗରମ ତେଲ ବାଜି ସାମାନ୍ୟ ପୋଡ଼ି ହୋଇଯାଇଛନ୍ତି। ସେମାନଙ୍କୁ ତୁରନ୍ତ ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇ ଡାକ୍ତରମାନଙ୍କୁ ପର୍ଯ୍ୟବେକ୍ଷଣ ପାଇଁ ରଖାଯାଇଛି। ବର୍ତ୍ତମାନ ଦୁହେଁ ଛାତ୍ରୀ ସୁସ୍ଥ ଥିବା ଡାକ୍ତରମାନେ କହିଛନ୍ତି। ସେମାନଙ୍କ ଆଶୁ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀ ସହାୟତା କୋଷରୁ ଜିଲ୍ଲାପାଳ ସ୍ୱାଧାଦେବ ସିଂ ତେଲରେ ପୋଡ଼ି ହୋଇଥିବା ଛାତ୍ରୀଙ୍କୁ ୩୦ ହଜାର ଏବଂ ଅଚେତ ହୋଇଥିବା ଛାତ୍ରୀଙ୍କୁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ବୋଲି ଜଣାଇଛନ୍ତି।

### ■ ଅନକାଡେଲି ଏସ୍‌ସିଙ୍କୁ ଭେଟିଲା ବୁଡ଼ି ଅଞ୍ଚଳ ଲୋକ ସଂଗଠନ

## ଜମିହରାଙ୍କ ସମସ୍ୟା ଉପରେ ହେଲା ଆଲୋଚନା

**ନନ୍ଦପୁର,୧୦।୧(ସମିସ):** ପାଡୁଆ ବୁଡ଼ି ଅଞ୍ଚଳ ଲୋକ ସଂଗଠନର ଏକ ପ୍ରତିନିଧି ଦଳ ଅନକାଡେଲି ପାୱାର ପ୍ରୋଜେକ୍ଟର ଏସସିଙ୍କୁ ଭେଟିଛନ୍ତି। ପାଡୁଆ ବୁଡ଼ି ଅଞ୍ଚଳ ଲୋକ ସଂଗଠନର ସଭାପତି କମୁଲୁ ଖିଲ, ମଧୁ ମାଝୀ, ଉପଦେଷ୍ଟା ଦିବାକର ଭତ୍ରା, ରବି ନାରାୟଣ ପାତ୍ର ପ୍ରମୁଖ ଅନକାଡେଲି ପାୱାର ପ୍ରୋଜେକ୍ଟର ଏସସି ଏଭି ସୁବ୍ରମଣ୍ୟମ ରାଓଙ୍କୁ ଭେଟି ସଂଗଠନର ୫ ଦଫା ଦାବି ଉପରେ ଆଲୋଚନା କରିଛନ୍ତି।



ଏଥିସହ ନନ୍ଦପୁର ବ୍ଲକର ଜମିହରା ୮ଟି ପଞ୍ଚାୟତବାସୀଙ୍କୁ ମାଗଣାରେ ବିଦ୍ୟୁତ୍ ଯୋଗାଣ, ଜମି ହରାଇଥିବା ପ୍ରତ୍ୟେକ ପରିବାରର ଜଣକୁ ଚାକିରି, ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠି ଦ୍ୱାରା ୮ଟି ପଞ୍ଚାୟତରେ ଖର୍ଚ୍ଚ କରିବା, ଜମିହରା ୮ଟି ପଞ୍ଚାୟତକୁ ପ୍ରୋଜେକ୍ଟରରେ କଲୋନୀ ଭାବେ ସ୍ୱୀକୃତି ଦେବା, ଜମି ହରାଇଥିବା ପରିବାରର ଉତ୍ତରାଧିକାରୀଙ୍କୁ ଜମିର ବର୍ତ୍ତମାନର ମୂଲ୍ୟ ହିସାବରେ କ୍ଷତିପୂରଣ ପ୍ରଦାନ ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ।

### ■ ନିର୍ବାଚନ ପାଇଁ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ

## ଇଭିଏମ୍ ମେସିନ୍ ବ୍ୟବହାର ପ୍ରଦର୍ଶନୀ



**ନନ୍ଦପୁର,୧୦।୧(ସମିସ):** ରାଜ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶକ୍ରମେ କୋରାପୁଟ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଆଦେଶରେ ନନ୍ଦପୁର ଓ ହକିମପୁଟ ଗ୍ରାମ ପଞ୍ଚାୟତରେ ଇଭିଏମ୍ ମେସିନ ପ୍ରଦର୍ଶନୀ କରାଯାଇଛି। ପ୍ରତି ଗ୍ରାମରେ ପ୍ରଦର୍ଶନୀ କାର୍ଯ୍ୟକ୍ରମ ରହିଛି ବୋଲି ଜିପିଓ ବେଦାନ୍ତ କୁମାର ମାଝୀ ସୂଚନା ଦେଇଛନ୍ତି। ଇଭିଏମ୍ ମେସିନ ଦ୍ୱାରା ଆଗରୁ ଭୋଟ ଦେଇଛନ୍ତି ହେଲେ ବର୍ତ୍ତମାନ ଯେଉଁ ଇଭିଏମ୍ ମେସିନ ରହିଛି; ତାହା ଅତି ସରଳ ହୋଇଛି। ନିଜେ ଦେଇଥିବା ମତଦାନକୁ ନିଜେ ଦେଖିବା ଜାଣିବା ସୁବିଧା ରହିଛି। ଏହି କାର୍ଯ୍ୟକ୍ରମରେ ସେକ୍ଟର ଅଫିସର ଜେଇ ଉମାକାନ୍ତ ମହାନ୍ତି, ଦୁର୍ଗାପ୍ରସାଦ ଦଳେଇ, ଏଇ ରାଜୀବ ସିଂହ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କୁ ଇଭିଏମ୍ ମେସିନ ପ୍ରଦର୍ଶନୀ କରିଥିଲେ। ଲୋକମାନେ ଧାଡ଼ିରେ ଆସି ଇଭିଏମ୍ ମେସିନରେ ମତଦାନ ପରୀକ୍ଷା କରିଥିଲେ। ଅତି ସରଳ ସୁବିଧା ରହିଛି ଏବଂ ନିଜେ ଦେଇ ଥିବା ମତଦାନ ଜାଣିପାରିବେ ବୋଲି କହିଛନ୍ତି।

## ସିବିଏସ୍‌ଇ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ପଟାଙ୍ଗି,୧୦।୧(ସମିସ): ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ପାଇଁ ସିବିଏସଇ ଦ୍ୱାରା ଦକ୍ଷତା ବିକାଶ ନିମନ୍ତେ କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ବ୍ଲକ ସ୍ଥିତ ପୁଙ୍ଗାର ଓଡ଼ିଶା ଆଦର୍ଶ ବିଦ୍ୟାଳୟଠାରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଡିପିଏସ୍ ଦାମନଯୋଡ଼ିର ଶିକ୍ଷାବିତ୍ ଅନୀଲ କୁମାର ପଟ୍ଟନାୟକ ଏବଂ ରାୟଗଡ଼ା ଜିଲ୍ଲା ଟିକିରି ସ୍ଥିତ ଆଦିତ୍ୟ ବିର୍ଲା ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଡ. ଜି. ବିନୋଦ କୁମାର ସାଧନକର୍ମୀ ଭାବେ ଯୋଗଦେଇ ଉକ୍ତ କର୍ମଶାଳାକୁ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀମାନେ ଯେଉଁ ଶିକ୍ଷା ଗ୍ରହଣ କରୁଛନ୍ତି ତାହା ସେମାନେ କିଭଳି ପରିପ୍ରକାଶ କରିପାରିବେ ବିଭିନ୍ନ ଉଦାହରଣ ମାଧ୍ୟମରେ କହିବା ସହ ଉଭୟ ଶିକ୍ଷାବିତମାନେ ନୂତନ ଶିକ୍ଷା ନୀତିର ପରିଦୃଷ୍ଟିରେ ଶିକ୍ଷକମାନେ କିଭଳି ଶିକ୍ଷାଦାନ ପ୍ରଣାଳୀ ଅନୁସରଣ କରିବେ ସେ ସମ୍ପର୍କରେ ବୁଝାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମାଛରା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନୋଡାଲ ପ୍ରିନ୍ସପାଲ୍ ଏସଏସ ଚୌଧୁରୀ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିବା ବେଳେ ସ୍ଥାନୀୟ ନିର୍ଦ୍ଦେଶକ ତଥା ପୁଙ୍ଗାର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ ପାଲ ଏବଂ ନନ୍ଦପୁର, ପଟାଙ୍ଗି, କୋଟିଆ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଏବଂ ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷଙ୍କ ସମେତ ସେମିଳିଗୁଡ଼ା ଏବଂ ଆଖପାଖ ଅଞ୍ଚଳର ୬୦ ଜଣ ଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇ ବିଭିନ୍ନ ଶିକ୍ଷାଦାନ କୌଶଳ ଏବଂ ଶିକ୍ଷଣ କାର୍ଯ୍ୟକଳାପ ସମ୍ପର୍କରେ ପ୍ରଶିକ୍ଷଣପ୍ରାପ୍ତ କରିଥିଲେ।

## ନନ୍ଦପୁର ଲ୍ୟାମ୍ପ୍ସ କର୍ମଚାରୀଙ୍କ ଅକାଳ ବିୟୋଗ

**ନନ୍ଦପୁର,୧୦।୧(ସମିସ):** କୋରାପୁଟ ଜିଲ୍ଲା ନନ୍ଦପୁର ଲ୍ୟାମ୍ପ୍ସରେ କାର୍ଯ୍ୟରତ ଜଳ କର୍ମଚାରୀ ସୁରେଶ କୁମାର ଖଡ଼ାଙ୍କ ଅକାଳ ବିୟୋଗ ହୋଇଯାଇଛି। ଲ୍ୟାମ୍ପ୍ସ କର୍ମଚାରୀଙ୍କ ସମେତ ନନ୍ଦପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ସୁରେଶ ଜଣେ ଦାୟିତ୍ୱବାନ କର୍ମଚାରୀ ଥିବା ନେଇ ଲ୍ୟାମ୍ପ୍ସ ନିର୍ଦ୍ଦେଶକ ସୁରେଶ ପଣ୍ଡା ଗଭୀର ଶୋକ ପ୍ରକାଶ କରିଛନ୍ତି। ଜଣେ ଭଦ୍ର, ସରଳ ଓ ମିଷ୍ଟଭାଷୀ ସୁରେଶଙ୍କ କାର୍ଯ୍ୟ ପାଇଁ ଲୋକ ମନେ ରଖିବେ ବୋଲି କହିଛନ୍ତି ଏମଡି ସୁରେଶ ପଣ୍ଡା। ସୁରେଶ ଦୀର୍ଘ ୩ ମାସ ହେବ ଅସୁସ୍ଥ ହୋଇ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାର ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଥିଲେ। ବୁଧବାର ସକାଳେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା।



### ରାସ୍ତା ଓ ଡ୍ରେନ୍ ନିର୍ମାଣରେ ବିଳମ୍ବକୁ ନେଇ ଅସନ୍ତୋଷ

# ସୂଚନାଫଳକ ଲଗାଇ ବିତିଲାଣି ୪ ମାସ

ଜୟପୁର,୧୦।୧(ସମିସ)

କୋରାପୁଟ ଜିଲ୍ଲା ଜୟପୁର ପୌରସଂସ୍ଥାର ଲିଙ୍ଗରାଜ ନଗର ୪ର୍ଥ ଲାଇନରେ ଡ୍ରେନ୍ ଏବଂ ପେଭର ବ୍ଲକ ନିର୍ମାଣ କାର୍ଯ୍ୟ ଆରମ୍ଭରେ ଅହେତୁକ ବିଳମ୍ବକୁ ନେଇ ଏବେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିପାଇଁ ୪ ଲକ୍ଷରୁ

**● ଠିକାଦାରଙ୍କ ପ୍ରତି ପୌରସଂସ୍ଥାର ଅନୁକମ୍ପାକୁ ନେଇ ଉଠିଲା ପ୍ରଶ୍ନ**

ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରାଯାଇଥିବା ସୂଚନାଫଳକ ଲଗାଇ ୪ ମାସ ବିତିଥିଲେ ମଧ୍ୟ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ। ଅନ୍ୟପଟରେ ଠିକାଦାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ପୌରସଂସ୍ଥାର ଅନୁକମ୍ପାକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଛି। ତୁରନ୍ତ କାର୍ଯ୍ୟାରମ୍ଭ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ସୂଚନା ଅନୁସାରେ, ଲିଙ୍ଗରାଜ ନଗର ୪ର୍ଥ ଲାଇନରେ ଡ୍ରେନ୍ ଏବଂ ପେଭର ବ୍ଲକ ନିର୍ମାଣ କାର୍ଯ୍ୟ ପାଇଁ ଅଗଷ୍ଟ ମାସରେ ସୂଚନାଫଳକ ଲେଖାଯାଇଥିଲା। ଏଥିରେ ନିର୍ମାଣ କାର୍ଯ୍ୟ ସେପ୍ଟେମ୍ବର ୧ରୁ ଆରମ୍ଭ ହୋଇ ୪୫ ଦିନ ମଧ୍ୟରେ ଶେଷ କରିବାକୁ ସୂଚନା ଦିଆଯାଇଛି। କିନ୍ତୁ ଦୀର୍ଘ ୧୨୦ ଦିବସ ଅର୍ଥାତ ୪ ମାସରୁ ଊର୍ଦ୍ଧ୍ୱ ହୋଇଯାଇଥିଲେ ସୁଦ୍ଧା ଏହି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନଥିବା ନେଇ ସାହିବାସିନ୍ଦା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏହି କାର୍ଯ୍ୟକୁ କାର୍ଯ୍ୟକାରୀ କରିବା ପାଇଁ ଠିକାଦାରଙ୍କୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟାରମ୍ଭ ନେଇ ନୋଟିସ କରାଯାଇ ନ ଥିବାବେଳେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ପୌରସଂସ୍ଥା ପକ୍ଷରୁ ଠିକାଦାରଙ୍କୁ ଏତେ ପରିମାଣରେ ଅନୁକମ୍ପାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ପ୍ରକାଶ ଯେ, ଜୟପୁର ପୌରସଂସ୍ଥାର ୩ ନମ୍ବର ୱାର୍ଡର ୪ର୍ଥ ଲାଇନର ରବିନ୍ଦ୍ର ଜେନାଙ୍କ ଘରଠାରୁ ରାଧାକୃଷ୍ଣ ମନ୍ଦିର ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ସିମେଣ୍ଟ କଂକ୍ରିଟ ଡ୍ରେନ୍ ଏବଂ ପେଭର ବ୍ଲକ ରାସ୍ତା ନିର୍ମାଣ ପାଇଁ ଡେଭସନ ପାଣ୍ଠି ମାଧ୍ୟମରେ ୪ ଲକ୍ଷ ୧୩ ହଜାର ୫୬୪ ଟଙ୍କା ଅଟକଳ କରାଯାଇ ନିର୍ମାଣ କାର୍ଯ୍ୟ ପାଇଁ ଟେଣ୍ଡର ହୋଇଥିଲା। ଏହାକୁ ଜନୈକ ଠିକାଦାଙ୍କ ନାମରେ କାର୍ଯ୍ୟାଦେଶ କରାଯାଇ ଚୁକ୍ତିନାମା କରାଯାଇଥିଲା। କିନ୍ତୁ ଦୀର୍ଘ ୪ ମାସ ହେଲାଣି ଏହି ରାସ୍ତା କିମ୍ବା ଡ୍ରେନ ନିର୍ମାଣ ହୋଇ ନ ଥିବା ଯୋଗୁଁ ଉକ୍ତ ଲାଇନରୁ ନିର୍ଗତ ପାଣି ମାଟି ରାସ୍ତା ଉପରେ ପ୍ରବାହିତ ହେଉଛି। ଏନେଇ ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି କହିଛନ୍ତି ଯେ କିଛି ବୈଷୟିକ ସମସ୍ୟା ଯୋଗୁଁ ଏହି କାର୍ଯ୍ୟ ଆରମ୍ଭରେ ବିଳମ୍ବ ହୋଇଛି। ତଥାପି ସ୍ୱଳ୍ପ କିଛି କାମ ଆରମ୍ଭ ହୋଇଛି। ଅତିଶୀଘ୍ର ସମ୍ପୂର୍ଣ୍ଣ କାର୍ଯ୍ୟ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



# ବିଭିନ୍ନ ଅଞ୍ଚଳରେ ଅର୍ପଣ ରଥ ପରିକ୍ରମା







**ସେମିଲିଗୁଡ଼ା,୧୦।୧(ସମିସ)**

ଆସନ୍ତା ୧୭ ତାରିଖରେ ପୁରୀ ଶ୍ରୀମନ୍ଦିରର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉପଲକ୍ଷେ ଶ୍ରୀଜଗନ୍ନାଥ ଅର୍ପଣ ରଥ ସୁନାବେଡ଼ା ପୌରାଞ୍ଚଳର ସମସ୍ତ ୱାର୍ଡ ପରିକ୍ରମା କରିଛି । ଏହି ଅବସରରେ ସେମିଲିଗୁଡ଼ାରେ ଏହି ରଥକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ସ୍ଥାନୀୟ ଧନ ରାଗିଣୀ ମନ୍ଦିର ନିକଟରେ ତିନି ଦିନ ପୂର୍ବରୁ ପୌର ପରିଷଦର ନଗରପାଳ ଡ. ରାଜେନ୍ଦ୍ର କୁମାର ପାତ୍ର, ଉପ ନଗରପାଳ ରତ୍ନକଣ୍ଠା, ନିର୍ବାହୀ ଅଧିକାରୀ ନାରାୟଣ ନାୟକ, ୧୮ ନଂ ୱାର୍ଡର କାଉନସିଲର ମମତା ରାୟ, ବରିଷ୍ଠ ନାଗରିକ ସଂଘର ସଭାପତି ବିନୟ ଚନ୍ଦ୍ର ପଟ୍ଟନାୟକ ଉପସ୍ଥିତ ରହି ଶ୍ରୀଜଗନ୍ନାଥ ଅର୍ପଣ ରଥକୁ ପୁଷ୍ପମାଲ୍ୟ ଅର୍ପଣପୂର୍ବକ ପୂଜାର୍ଚ୍ଚନା କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଏହି ରଥ ପ୍ରଥମେ ୧୮ ନଂ ୱାର୍ଡ ପରିକ୍ରମା କରିବା ଅବସରରେ ପ୍ରତ୍ୟେକ ଘରୁ ଅରୁଆ ଚାଉଳ ଏବଂ ଗୁଆ ସଂଗ୍ରହ କରାଯାଇଥିଲା । ପରବର୍ତ୍ତୀ ସମୟରେ ଅର୍ପଣ ରଥ ସେମିଲିଗୁଡ଼ାର ବିଭିନ୍ନ ଅଞ୍ଚଳରେ ପରିକ୍ରମା କରିଥିଲା । ବୁଧବାର ୨୫ ୱାର୍ଡରେ ପରିକ୍ରମା କରିବା ସମୟରେ କୋରାପୁଟ ବିଧାୟକ ରଘୁରାମ ପଡାଲ, ପୌର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପାତ୍ର, ଉପ ନଗରପାଳ ରତ୍ନକଣ୍ଠା, ନିର୍ବାହୀ ଅଧିକାରୀ ନାରାୟଣ ନାୟକ, କାଉନସିଲର ବୃନ୍ଦ ଯୋଗଦେଇଥିଲେ । ଅର୍ପଣ ରଥ ସେମିଲିଗୁଡ଼ାରେ ପରିକ୍ରମା କରିବା ସମୟରେ ସହରବାସୀ ଭକ୍ତି ଭାବନାର ସହ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।

**ମୁନିଗୁଡ଼ା :** ଘମଟଗୁଡ଼ା ଓ ଆମ୍ଲାଭଟା ପଞ୍ଚାୟତର ପ୍ରତ୍ୟେକ ୱାର୍ଡରେ ଅର୍ପଣ ରଥକୁ ଭବ୍ୟ ସ୍ୱାଗତ କରାଯାଇଛି । ଅମ୍ଲାଭଟା ଜଗନ୍ନାଥ ମନ୍ଦିର ନିକଟରୁ ଅର୍ପଣ ରଥ ଶୁଭାରମ୍ଭ ହୋଇଥିବା ବେଳେ ଘମଟଗୁଡ଼ା ପଞ୍ଚାୟତର ଭୈରବ ମନ୍ଦିର ନିକଟରୁ ଅର୍ପଣ ରଥ ପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ଆରମ୍ଭରେ ପୁଷ୍ପ ସଜିତ ରଥକୁ ମହିଳା ସଂକୀର୍ତ୍ତନ ଦଳଙ୍କ ବାଦ୍ୟର ତାଳେ ତାଳେ ପଞ୍ଚାୟତର ବିଭିନ୍ନ ୱାର୍ଡରେ ରଥ ବୁଲିଛି । ଭକ୍ତିପୂତ ଭାବରେ ୱାର୍ଡର ଲୋକେ ରଥକୁ ସ୍ୱାଗତ କରିବା ସହିତ ଗୁଆ ଓ ଅକ୍ଷତ ଅର୍ପଣ କରିଥିଲେ । ଜୟ ଜଗନ୍ନାଥ ଧ୍ୱନିରେ କମ୍ପି ଉଠୁଥିଲା ସମସ୍ତ ୱାର୍ଡ ଏଥିସହିତ ସଂକୀର୍ତ୍ତନର ତାଳେ ତାଳେ ଜନସାଧାରଣ ନାଚି ଉଠୁଥିବାର ଦେଖିବାକୁ ମିଳିଥିଲା । ଏହି ଭବ୍ୟ କାର୍ଯ୍ୟକ୍ରମରେ ଅମ୍ଲାଭଟା ସରପଞ୍ଚ ଗୁରୁବାରି ଭୋଇ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଗୋବିନ୍ଦ ସୁନା, ନାଏବ ସରପଞ୍ଚ ସୁବାସ ମାଝୀ, ଗ୍ରାମ ରୋଜଗାର ସେବକ ରମାକାନ୍ତ ସାହୁକାର, ଯୋଗାଣ ସହାୟକ ବିଘ୍ନେଶ୍ୱର ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ । ସେହିପରି ଘମଟଗୁଡ଼ା ପଞ୍ଚାୟତର ସରପଞ୍ଚ ଅନନ୍ତ ନୁଣ୍ଡୁରୁକା, ସମିତି ସଭ୍ୟା କୁନିକୁମାରୀ କାଦ୍ରାକା, ମଧୁସୂଦନ ପଲକିଆ, ନାଏବ ସରପଞ୍ଚ ନାଗାଲୁ ଆର୍ଷାରି, ଏମବିକେ ସିଆରପି, ମିଶନଶକ୍ତିର କର୍ମଚାରୀ ଓ ସମସ୍ତ ୱାର୍ଡର ସଭ୍ୟ, ସଭ୍ୟାଙ୍କ ସମେତ ପଞ୍ଚାୟତର କର୍ମଚାରୀମାନେ ଉପସ୍ଥିତ ରହି ଅର୍ପଣ ରଥକୁ ପରିକ୍ରମା କରାଇଥିଲେ ।

**ମାଥିଲି:** ଅର୍ପଣ ରଥ ଉପାନ୍ତ ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସଦର ମହକୁମାରେ ପହଞ୍ଚିବା ପରେ ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ହୃଷୀକେଶ ଗଣ୍ଡ, ମାଥିଲି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ମହାରଣା, ମାଥିଲି ସଦର ସରପଞ୍ଚ କାନାମ ରାଜୁ ନାୟକ, ମାଥିଲି ଜିଲ୍ଲା ପରିଷଦ ଜୋନ-୩ ସଭ୍ୟା ସସ୍ମିତା ମାଝୀ, ବିଜେଡି ମହିଳା ଉପସଭାପତି ସୁନିତା ଜେନା ସମସ୍ତ ଘର ବୁଲି ଚାଉଳ ଓ ଗୁଆ ସଂଗ୍ରହ କରିଛନ୍ତି । ମାଥିଲି ବ୍ଲକର ବିଭିନ୍ନ ଗ୍ରାମରେ ପରିକ୍ରମା କରି ବୁଧବାର ପାଙ୍ଗାମଠାରେ ପହଞ୍ଚିବା ପରେ ସରପଞ୍ଚ ଇନ୍ଦ୍ର ନାୟକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଭୋଳାନାଥ ବିଶ୍ୱାସ ଓ ପଞ୍ଚାୟତର ଶହ ଶହ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।

**ନାରାୟଣପାଟଣା:** ନାରାୟଣପାଟଣା ବ୍ଲକରେ ନଅଟି ପଞ୍ଚାୟତରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅର୍ପଣ ରଥ ପରିକ୍ରମା କରୁଛି । ପ୍ରଥମ ଦିନରେ ପଞ୍ଚାୟତର ବିଭିନ୍ନ ଗ୍ରାମ ରଥ ପରିକ୍ରମା କରିଛି । ରଥ ପରିକ୍ରମା ସମୟରେ ନଗରକୀର୍ତ୍ତନ କରାଯିବା ସହ ଗାଁ ଗାଁରେ ପୁରୁଷ ଓ ମହିଳାମାନେ ଅର୍ପଣ ରଥକୁ ସ୍ୱାଗତ କରିଥିଲେ । ତତ୍ ସହିତ ଗ୍ରାମର ମାଆ-ଭଉଣୀମାନେ ମହାପ୍ରଭୁ ଜଗନ୍ନାଥଙ୍କ ଫଟୋ ଓ କଳସ ସ୍ଥାପନ କରି ବନ୍ଦାପନା କରିବା ସହ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲାଗି ଗୁଆ, ଅରୁଆ ଚାଉଳ ସମର୍ପଣ କରିଥିଲେ । ଶ୍ରୀଜଗନ୍ନାଥଙ୍କ ଅର୍ପଣ ରଥ ପରିକ୍ରମା ପାଇଁ ନାରାୟଣପାଟଣା ବିଡିଓ ପିଉଷ ଲୋହାର ତଦାରଖ କରୁଥିବାବେଳେ ପଞ୍ଚାୟତର ନୋଡାଲ ଅଧିକାରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆରଏସ୍, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଗଣ ରଥ ପରିକ୍ରମା ସମୟରେ ଉପସ୍ଥିତ ରହି ସହଯୋଗ କରୁଥିବାର ଦେଖାଯାଇଥିଲା ।

## ଯାତ୍ରୀଙ୍କୁ ମାଡ଼ମାରି ଲୁଟ୍; ୨ ଗାଡ଼ି ଭଙ୍ଗାରୁଜା

**କାଶୀପୁର,୧୦।୧(ସମିସ):** ରାୟଗଡ଼ା ଜିଲ୍ଲା କାଶୀପୁର ଥାନା ଅନ୍ତର୍ଗତ କଣ୍ଟାମାଳ ଗ୍ରାମରେ କିଛି ଦୁର୍ବୃତ୍ତ ମଙ୍ଗଳବାର ସନ୍ଧ୍ୟାରେ ଥୁଆମୁଳ ରାମପୁର ଥାନା ଅନ୍ତର୍ଗତ ମେଲଘରା ଗ୍ରାମର କିଛି ମହିଳା ଓ ପୁରୁଷଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ତାଙ୍କଠାରୁ ମୋବାଇଲ, ସୁନା ଅଳଙ୍କାର ଓ ଟଙ୍କା ଲୁଟିନେଇଥିବା ଅଭିଯୋଗ ହୋଇଛି । ପୀଡ଼ିତଙ୍କ ସୂଚନା ଅନୁସାରେ, ମେଲଘରା ଗ୍ରାମର ପ୍ରାୟ ୨୨ ଜଣ ମହିଳା ଓ ପୁରୁଷ କୌଣସି କାମରେ ରାୟଗଡ଼ା ଜିଲ୍ଲା ଟିକିରି ଗ୍ରାମକୁ ଯାଇଥିଲେ । ଫେରିବା ବେଳକୁ ସନ୍ଧ୍ୟା ହେଇଯିବା ଫଳରେ ସେମାନେ କାର୍,



ବୋଲେରୋ ଓ ବାଇକ୍ ଯୋଗେ ନିଜ ଗାଁ ମେଲଘରାକୁ ଫେରୁଥିଲେ । ଫେରିବା ବାଟର କାଶୀପୁର ଥାନା ଅନ୍ତର୍ଗତ କଣ୍ଟାମାଳ ଗ୍ରାମର କିଛି ଲୋକ ହଠାତ୍ ବୋଲେରୋ ଗାଡ଼ିକୁ ପଥର ମାରି ଆକ୍ରମଣ କରିଥିଲେ । ପରବର୍ତ୍ତୀ ସମୟରେ ଉକ୍ତ ବୋଲେରୋଟିକୁ ଅଟକାଇ ଭଙ୍ଗାରୁଜା କରିବା ସହ ବୋଲେରୋ ଯାତ୍ରୀଙ୍କୁ ମାଡ଼ମାରି ପ୍ରାୟ ୬୦ ହଜାର ଟଙ୍କା, ମୋବାଇଲ୍ ଓ କିଛି ମହିଳାଙ୍କଠାରୁ ସୁନା ମଧ ଲୁଟି ନେଇଥିବା ବୁଧବାର କାଶୀପୁର ଥାନାରେ ଲିଖିତ ଅଭିଯୋଗ ହେଇଛି । ଘଟଣାରେ କଣ୍ଟାମାଳ ଗ୍ରାମର କିଛି ବ୍ୟକ୍ତି ସମ୍ପୃକ୍ତ ଥିବା ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହେଇଥିବାବେଳେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ପ୍ରତି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ସୂର୍ଯ୍ୟ ପ୍ରକାଶ ନାଏକ ପ୍ରକାଶ କରିଛନ୍ତି ।

**● ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା**

## ପରୀକ୍ଷା ଦେଲେ ୫୫୫; ଅନୁପସ୍ଥିତ ୯୩

**ନନ୍ଦପୁର,୧୦।୧(ସମିସ):** ୨୦୨୩-୨୪ ବର୍ଷ ପାଇଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ନାମଲେଖା ପାଇଁ ମଙ୍ଗଳବାର ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ନନ୍ଦପୁର ବ୍ଲକର ତିନିଟି କେନ୍ଦ୍ରରେ ଏହି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ନନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ହାଟଗୁଡ଼ା ଆଦିବାସୀ ଉନ୍ନୟନ ବିଭାଗ ବିଦ୍ୟାଳୟ ଓ ଗନି ନାୟକପୁଟ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅନୁଷ୍ଠିତ କେନ୍ଦ୍ରରେ ମୋଟ ୫୫୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ତେବେ ଚଳିତ ବର୍ଷ ଆଦର୍ଶ ବିଦ୍ୟାଳୟରେ ନାମଲେଖା ନିମନ୍ତେ ମୋଟ ୬୪୮ ଜଣ ଛାତ୍ରଛାତ୍ରୀ ନାମ ପଞ୍ଜୀକରଣ କରିଥିବାବେଳେ ୫୫୫ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ ଉପସ୍ଥିତ ଥିଲେ । କୌଣସି କାରଣରୁ ୯୩ ଜଣ ଅନୁପସ୍ଥିତ ରହିଥିବା ଜଣାପଡ଼ିଛି । ତେବେ ଷଷ୍ଠ ଶ୍ରେଣୀରେ ନାମଲେଖା ପାଇଁ ରହିଥିବା ମୋଟ ୮୮ଟି ସିଟ୍ ପାଇଁ ୫୫୫ ଜଣ ପରୀକ୍ଷା ଦେଇଥିଲେ । ଶାନ୍ତି ଶୃଙ୍ଖଳାରେ ପରୀକ୍ଷା ଶେଷ ହୋଇଥିବା ନେଇ ଆଦର୍ଶ ବିଦ୍ୟାଳୟ ଅଧକ୍ଷା ଦେବୀ ପ୍ରତିମା ଜେନା ସୂଚନା ଦେଇଛନ୍ତି ।

## ବ୍ଲକ୍‌ସ୍ତରୀୟ ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର

**ବୋରିଗୁମ୍ମା,୧୦।୧(ସମିସ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ପଞ୍ଚାୟତ ସମିତି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ମଙ୍ଗଳବାର ପଞ୍ଚାୟତସ୍ତରୀୟ ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ସଂସ୍ଥା ଓ ବୋରିଗୁମ୍ମା ପଞ୍ଚାୟତ ସମିତିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ୩୧ଟି ଗ୍ରାମ ପଞ୍ଚାୟତରୁ ଆଇଟିଆଇ, ପଲିଟେକନିକ୍ ତାଲିମପ୍ରାପ୍ତ ଛାତ୍ରଛାତ୍ରୀ ଓ ପଞ୍ଚମରୁ ଉର୍ଦ୍ଧ୍ୱ ଶିକ୍ଷାଗତ ଯୋଗ୍ୟତା ଥିବା ୧୮ରୁ ୩୫ ବର୍ଷ ବୟସ୍କ ବେରୋଜଗାର ୫୧ ଜଣ ଯୁବକଯୁବତୀ ଯୋଗଦେଇ ନାମ ପଞ୍ଜୀକରଣ କରିଥିଲେ । ଶିବିରରେ ନିଯୁକ୍ତି ପ୍ରଦାନ ପାଇଁ ଏଲଏଣ୍ଡଟି କଟକ, ଲକ୍ଷ୍ମୀ କମ୍ପାନୀ ଭଳି ୫ଟି ସଂସ୍ଥା ଉପସ୍ଥିତ ଥିଲେ । ସଂସ୍ଥାଗୁଡ଼ିକ ଅଂଶଗ୍ରହଣକାରୀଙ୍କୁ ନିଜ ନିଜ ଅନୁଷ୍ଠାନରେ ମିଳୁଥିବା ସୁବିଧା ସୁଯୋଗ ବିଷୟରେ ବିଷଦ ଭାବରେ ବୁଝାଇଥିଲେ । ଜିଲ୍ଲା ନିଯୋଜନ ସଂସ୍ଥା କୋରାପୁଟ ତରଫରୁ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଏବଂ ବୋରିଗୁମ୍ମା ବ୍ଲକ ଅଧକ୍ଷା ଦୀପ୍ତିମୟୀ ନାୟକ, ଏବିଡିଓ ମାଧୁରୀ ଆଚାରୀ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୁମନ୍ତ କୁମାର ବିଶ୍ୱାଳ, ଜୀବିକା ମିଶନ ବିଶାଳ ସମୀର ଦୁଖୀ, ଦେବେନ୍ଦ୍ର ପଣ୍ଡା, ପଞ୍ଚାୟତ ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ରାଉତ ଏବଂ ବ୍ଲକର ବିଭିନ୍ନ ହାଇସ୍କୁଲର ଛାତ୍ରଛାତ୍ରୀଙ୍କ ସହ ଶିକ୍ଷକଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ ।

## ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ଗୁଡାରୀ,୧୦।୧(ସମିସ):** ଗୁଡାରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ରାଜକିଶୋର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ କ୍ରୀଡ଼ା ଉତ୍ସବ ଅବସରରେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଭାକର ରଥ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଭଣ୍ଡାରିଘରଣୀ ମନ୍ଦିରରୁ କ୍ରୀଡ଼ା ମଶାଲ ଆଣିବା ପରେ ମୁଖ୍ୟ ଅତିଥି ଶ୍ରୀ ରଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋ ଚିତ୍ରରେ ପୁଷ୍ପ ଓ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ଏହି ପ୍ରତିଯୋଗିତା ଆରମ୍ଭ କରାଯାଇଥିଲା । ପିଲାମାନଙ୍କ ପାଇଁ ଲମ୍ବ ଡିଆଁ, ଉଚ୍ଚ ଡିଆଁ, ଦୌଡ଼, ଖୋ-ଖୋ, ବ୍ୟାଡମିଣ୍ଟନ ଏପରି ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ରାଧାକାନ୍ତ ଗୁରୁ ପରିଚାଳନା କରିଥିବା ବେଳେ ଶିକ୍ଷକଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ ।

**● ଯାଦବ ମାଝୀ ସ୍ମାରକୀ ଅନ୍ତଃରାଜ୍ୟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ**

## ଉଦ୍‌ଘାଟନୀ ମ୍ୟାଚରେ ବସ୍ତର ଏକାଦଶ ବିଜୟୀ

**ଚନ୍ଦାହାଣ୍ଡି,୧୦।୧(ସମିସ):** ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ୍ ଅନ୍ତର୍ଗତ ଦଣ୍ଡାମୁଣ୍ଡା ଗଦାଧର ଷ୍ଟାଡିୟମରେ ପଲ୍ଲିଶ୍ରୀ ଯୁବକ ସଙ୍ଘ ଆନୁକୂଲ୍ୟରେ ୨୪ତମ ଯାଦବ ମାଝୀ ସ୍ମାରକୀ ଆନ୍ତଃରାଜ୍ୟ କ୍ରିକେଟ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି । ଏଥିରେ ଚନ୍ଦାହାଣ୍ଡି ବ୍ଲକ୍ ଅଧକ୍ଷା ସୁମିତ୍ରା ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିବାବେଳେ ସାମ୍ମାନିତ ଅତିଥିଭାବେ ବ୍ଲକ୍ ଉପାଧ୍ୟକ୍ଷ ବାସୁଦେବ ଗୌଡ଼, ଜିଲ୍ଲା ପରିଷଦ ସଭ୍ୟା ବର୍ଷାରାଣୀ ପଟେଲ, ସରପଞ୍ଚ ଦୁର୍ଲ୍ଲଭ ପୂଜାରୀ, ସମିତିସଭ୍ୟା ଭାନୁମତୀ ମାଝୀ, ସମାଜସେବୀ କଦମ ପୂଜାରୀ, ଗୌରହରି ନାୟକ, ପୁରୁଷୋତ୍ତମ ପାରି, ଡମ୍ବରୁ ପାତ୍ର, ଯୁବରାଜ ଜଗତ, ହର ପୂଜାରୀ, ମଞ୍ଜୁଲତା ନାୟକ ପ୍ରମୁଖ ଯୋଗଦେଇଥିଲେ । ଉଦଘାଟନୀ ମ୍ୟାଚ ବସ୍ତର ଏକାଦଶ(ଛଗ) ବନାମ ଟିଟିଲାଗଡ଼ କ୍ରିଷ୍ଣା ଏକାଦଶ ମଧ୍ୟରେ ଖେଳାଯାଇଥିଲା । ନିର୍ଦ୍ଧାରିତ ୨୦ ଓଭର ମ୍ୟାଚରେ ଟିଟିଲାଗଡ଼ ଦଳ ପ୍ରଥମେ ବ୍ୟାଟିଂ କରି ୧୭.୩ ଓଭରରେ ୧୧୪ ରନ ସ୍କୋର ସଂଗ୍ରହ କରି ଅଲଆଉଟ ହୋଇଯାଇଥିଲା । ୧୧୪ ରନକୁ ପିଛାକରି ବସ୍ତର ଦଳ ମାତ୍ର ୧୨ ଓଭରରେ ୩ ୱିକେଟ ହରାଇ ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି । ଗୌରବ ସନାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା । ଧନଞ୍ଜୟ ମେହେର ଓ ପ୍ରକାଶ ମାଝୀ ଅମ୍ପାୟାର, ନରୋତ୍ତମ ସିହ୍ନା ଓ ଦୁଷ୍ମନ୍ତ ପାତ୍ର ଭାଷ୍ୟକାର ଏବଂ ଦିଲ୍ଲୀପ ନାୟକ ଓ ବସନ୍ତ ସ୍କୋରର ଭାବେ ଦାୟିତ୍ୱ ତୁଲାଇଥିଲେ ।

## ବିଏସ୍‌ଏଫ୍‌ର ଜନସମ୍ପର୍କ ଶିବିର

**ଚିତ୍ରକୋଣ୍ଡା,୧୦।୧(ସମିସ):** ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ୍ ବଡ଼ପଦର ଗ୍ରାମ ପଞ୍ଚାୟତର ଖାଲପଦର, ଈଶ୍ୱରଗୁଡ଼ା, ତୋଟାପାଲି ଗ୍ରାମଠାରେ ବଡ଼ପଦର ସ୍ଥିତ ୮୮ ବାଟାଲିୟନ ବିଏସଏଫ୍ ପକ୍ଷରୁ ଜନସମ୍ପର୍କ ଶିବିର ଆୟୋଜନ କରାଯାଇଥିଲା । ଏହି ଜନସମ୍ପର୍କ ଶିବିରରେ ଖାଲପଦର, ଈଶ୍ୱରଗୁଡ଼ା, ତୋଟାପାଲି ଓ ତାର ଆଖପାଖ ଅଞ୍ଚଳର ଗ୍ରାମଗୁଡ଼ିକରେ ବସବାସ କରୁଥିବା ୧୮୦ ଜଣ ଗ୍ରାମବାସୀ ଅଂଶ ଗ୍ରହଣ କରିଥିଲେ । ଏଥିରେ ୭୬ ଜଣ ମହିଳା, ୭୦ ଜଣ ପୁରୁଷ ଓ ୩୪ ଜଣ ଛୋଟ ପିଲା ଥିଲେ । ବିଏସଏଫ୍ କମାଣ୍ଡାଣ୍ଟ ବିନୋଦ ସରିନଙ୍କ ନିର୍ଦ୍ଦେଶରେ ଶଶିଭୂଷଣ ଯାଦବ ଆସିସଷ୍ଟାଣ୍ଟ କାମାଣ୍ଡାଣ୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗ୍ରାମବାସୀମାନେ



ବିଏସଏଫ କାମାଣ୍ଡାଣ୍ଟଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ । ବିଏସଏଫ୍ ତରଫରୁ ବିଭିନ୍ନ ପ୍ରକାରର ଖେଳ ସାମଗ୍ରୀ ଫୁଟବଲ, ଭଲିବଲ ସେଟ, କ୍ରିକେଟ ବ୍ୟାଟ, ସ୍କିପିଙ୍ଗ ରୋପ, ଷ୍ଟିଲ ଟ୍ରେ, ଷ୍ଟିଲ ଗ୍ଲାସ, ସ୍କୁଲ ବ୍ୟାଗ, ପାଠ୍ୟ ଉପକରଣ, ଛତା, ଘର ଉପକରଣ ଓ ଘରେ ବ୍ୟବହୃତ ସାମଗ୍ରୀ ଭଳି ବିଭିନ୍ନ ପ୍ରକାରର ସାମଗ୍ରୀ ପ୍ରଦାନ କରାଯାଇଥିଲା । ଏହି ଅବସରରେ ବିଏସଏଫ୍ ଆସିଷ୍ଟାଣ୍ଟ କାମାଣ୍ଡାଣ୍ଟ ଶଶିଭୂଷଣ ଯାଦବ ସ୍ଥାନୀୟ ଯୁବକଯୁବତୀଙ୍କୁ ପାଠପଢ଼ିବା ସହ ଦେଶ ମାତୃକାର ସେବା କରିବା ପାଇଁ ସିକ୍ୟୁରିଟି ଫୋର୍ସରେ ଯୋଗଦେଇ ନିଜ ଜନ୍ମମାଟିର ନାମ ଉଜ୍ଜ୍ୱଳ କରିବାକୁ କହିଥିଲେ । ବାଦପଦର ପଞ୍ଚାୟତଠାରେ କିଛି ବର୍ଷ ହେଲା ବିଏସଏଫ୍ ପକ୍ଷରୁ ବର୍ଷକୁ ଥରେ ସିଭିଲ ଆକ୍ସନ କାର୍ଯ୍ୟକ୍ରମ ମାଧମରେ ବିଭିନ୍ନ ଗ୍ରାମର ଅଧିବାସୀଙ୍କୁ ନେଇ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଆସୁଛି ।

# କିନ୍ନରଙ୍କ ସମସ୍ୟା ନେଇ ଆଲୋଚନା

**ନବରଙ୍ଗପୁର,୧୦।୧(ସମିସ):** ନବରଙ୍ଗପୁର ଗାନ୍ଧୀନଗର ତପୋବନ ପରିସରରେ ଜିଲ୍ଲା କିନ୍ନର ସଂଘର ଅଧକ୍ଷ ମନୋଜ କୁମାର ପଟ୍ଟନାୟକଙ୍କ ସଭାପିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାର କିନ୍ନରମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଉକ୍ତ ବୈଠକରେ କିନ୍ନର ସଂଘର ସଭାପତି କାଜଲ କିନ୍ନର ଏବଂ ସମ୍ପାଦକ ଚୁମୁକି କିନ୍ନର ବର୍ଷ ତମାମ କିନ୍ନର ସଂଘର ଉପଲବ୍ଧି ସମ୍ପର୍କରେ ଆଲୋଚନା କରିଥିଲେ । ଜିଲ୍ଲା କିନ୍ନର ସଂଘ ହେବା ପରଠାରୁ ଯେଉଁ କିନ୍ନର ସରକାରଙ୍କ ଯୋଜନା ମୁତାବକ ଚାଉଳ ଏବଂ ପେନସନ୍ ପାଉ ନ ଥିଲେ ସେମାନଙ୍କୁ ତାହା ପ୍ରଦତ୍ତ କରାଗଲା । ସେହିପରି ଜିଲ୍ଲା ଇତିହାସରେ ପ୍ରଥମ ଥର ପାଇଁ କିନ୍ନରମାନଙ୍କ ପାଇଁ ଶ୍ରମିକ ପରିଚୟ ପତ୍ର କରାଗଲା । ଏହି ଉପଲବ୍ଧି ପାଇଁ ବିଶେଷ କରି ଜିଲ୍ଲା ଶ୍ରମ ବିଭାଗର କର୍ମକର୍ତ୍ତା କୃଷ୍ଣ ପ୍ରସାଦ ରଥ ଏବଂ ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ରଙ୍କୁ ବୈଠକରେ ସମସ୍ତ ସଦସ୍ୟ ସାଧୁବାଦ ଜଣାଇଥିଲେ । ପ୍ରଥମ ଥର ପାଇଁ ନବରଙ୍ଗପୁର ଜିଲ୍ଲା ବେସରକାରୀ ବସରେ କିନ୍ନରମାନଙ୍କ ପାଇଁ ପାସ୍ ବ୍ୟବସ୍ଥା କରାଯାଇଛି । ଏଥିପାଇଁ ଉଭୟ ନବରଙ୍ଗପୁର ଓ ଉମରକୋଟ ବସ୍ ମାଲିକ ସଂଘର ସଭାପତି ପ୍ରକାଶ ତ୍ରିପାଠୀ ଓ ଏମ୍ ପେଣ୍ଡରା ରାଓଙ୍କୁ ସଭାରେ ଧନ୍ୟବାଦ ଅର୍ପଣ କରାଯାଇଥିଲା । ଉଜ୍ଜ୍ୱଳା ଯୋଜନାରେ ଅଳ୍ପ କେତେକ କିନ୍ନର ଗ୍ୟାସ ଓ ଚୁଲା ପାଇଥିବାବେଳେ ଅନ୍ୟମାନଙ୍କ ପାଇଁ ଆବେଦନ କରାଯାଇଛି । ଏହାର ସମାଧାନ ଖୁବଶୀଘ୍ର କରାଯିବା ନେଇ ପ୍ରୟାସ କରାଯିବା ନିମନ୍ତେ ସଭାରେ ନିଷ୍ପତ୍ତି ନିଆଗଲା । ସରକାରଙ୍କ ତରଫରୁ କିନ୍ନରଙ୍କ ପାଇଁ ସ୍ଥାନୀୟ ଚଟାହାଣ୍ଡିଠାରେ ଏକ ଆଶ୍ରୟ ଗୃହ ନିର୍ମାଣ କରାଯାଇଥିବା ଯୋଗୁଁ ସମସ୍ତ କିନ୍ନର ସଦସ୍ୟ ଖୁସିବ୍ୟକ୍ତ କରିଥିଲେ । ଶେଷରେ ନୂତନ ଭାବେ ସଂଘରେ ଯୋଗଦେଇଥିବା ଅଜୟ ନାୟକଙ୍କୁ ସ୍ୱାଗତ କରାଯିବା ସହ ସର୍ବସମ୍ମତି କ୍ରମେ କିନ୍ନର ପରମ୍ପରା ଅନୁଯାୟୀ ଅଜୟ ନାୟକଙ୍କୁ ଇପ୍ସିତା କିନ୍ନର ଭାବରେ ନାମକରଣ କରାଗଲା । ଅନ୍ୟମାନଙ୍କ ମଧ୍ୟରେ ଗୁଗୁ କିନ୍ନର, ବର୍ଷା କିନ୍ନର, ଅନିତା କିନ୍ନର ଏବଂ ବୋଇଦି କିନ୍ନର ପ୍ରମୁଖ ଉପସ୍ଥିତ ଥିଲେ । ସଂଘର ସହସମ୍ପାଦକ ପ୍ରୀତି କିନ୍ନର ଧନ୍ୟବାଦ ଅର୍ପଣ କରିଥିଲେ ।



## ୱାର୍ଲ୍ଡ ୱେଲ୍‌ଫେୟାର ଫାଉଣ୍ଡେସନ ପକ୍ଷରୁ କଣ୍ଠଶିଳ୍ପୀ ନୀହାରିକା ପୁରସ୍କୃତ

**ରାୟଗଡ଼ା,୧୦।୧(ସମିସ):** ରାୟଗଡ଼ା ଜିଲ୍ଲାର ପ୍ରତିଷ୍ଠିତ ଗାୟିକା ନୀହାରିକା ସାହୁଙ୍କୁ ଉଲ୍ଲେଖନୀୟ ପ୍ରତିଭା ପାଇଁ ମିଳିଛି ଅନ୍ତର୍ଜାତୀୟ ପୁରସ୍କାର । ତାଙ୍କର ସୁମଧୁର କଣ୍ଠସ୍ୱର ଓ ସଙ୍ଗୀତ ପାଇଁ ୱାର୍ଲ୍ଡ ୱେଲଫେୟାର ଫାଉଣ୍ଡେସନ ପକ୍ଷରୁ ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ସମ୍ମାନିତ କରାଯାଇଛି । ନିହାରିକାଙ୍କ ସୁମଧୁର କଣ୍ଠସ୍ୱର ଓ ସଂଗୀତ ସଫଳତା ସମ୍ମାନଜନକ ମାନ୍ୟତା ପାଇବାକୁ ଯୋଗ୍ୟ ବିବେଚିତ କରିଛି । ନିହାରିକା ଆକାଶବାଣୀ ଜୟପୁରର ଜଣେ ବି' ହାଇଗ୍ରେଡର କଳାକାର । ଅନୁଷ୍ଠାନର ନିର୍ଦ୍ଦେଶକ ଅମର କୁମାର ଦାଶଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ କବି ଡ. ପ୍ରସନ୍ନ କୁମାର ପାଟଶାଣୀ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ । ଉତ୍ସବରେ ଜାତୀୟସ୍ତରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ବ୍ୟକ୍ତି ବିଶେଷଙ୍କୁ ମଧ ସମ୍ମାନିତ କରାଯାଇଥିଲା । ରାଜ୍ୟସ୍ତରୀୟ ସ୍ୱର୍ଣ୍ଣଲକ୍ଷ୍ମୀ ରିଆଲିଟି ସୋରେ ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲେ । ପ୍ରଚ୍ଛଦପଟ ଗାୟିକା ଉଷା ଉଥାପ, ଅନୁସୟା ନାଥ ଓ ଶାନ୍ତିଲତା ବାରିକଙ୍କ କଣ୍ଠକୁ ନିହାରିକା ଅନୁକରଣ କରି ମଞ୍ଚରେ ଗୀତ ଗାଉଛନ୍ତି । ଓଡ଼ିଆ, ହିନ୍ଦୀ, କୋରାପୁଟିଆ, କୁଇ ଭାଷାରେ ପ୍ରସ୍ତୁତ ସଫଳ ସଙ୍ଗୀତ ଆଲବମଗୁଡ଼ିକରେ କଣ୍ଠଦାନ କରିଛନ୍ତି । ଜୟପୁରର ମୂଳବାସିନ୍ଦା ନିହାରିକାଙ୍କ ଶାଶୂଘର ଗୁଣୁପୁର ମୋତିଲାଲ ନଗରରେ । ସେ ବର୍ତ୍ତମାନ ରାୟଗଡ଼ାରେ ଗାର୍ଡେନ ୯୦.୪ ଏଫଏମ କମ୍ୟୁନିଟି ରେଡିଓରେ ଆଙ୍କର ରୂପେ କାର୍ଯ୍ୟରତ ଅଛନ୍ତି ।



## ବିଏସକେୱାଇ ନବୀନ କାର୍ଡ ସଚେତନତା କାର୍ଯ୍ୟକ୍ରମ



**ଗୁଡାରୀ,୧୦।୧(ସମିସ):** ଗୁଡ଼ାରୀ ବ୍ଲକ୍ ମିଶନ୍ ଶକ୍ତି ଭବନ ପରିସରରେ ବିଏସକେୱାଇ ନବୀନ କାର୍ଡ ଯୋଜନାରେ ସାମିଲ ପାଇଁ ପଞ୍ଚାୟତ ମହିଳା ମହାସଂଘର କାର୍ଯ୍ୟକାରୀ କମିଟି ସଦସ୍ୟମାନଙ୍କୁ ସଚେତନତା କରାଯାଇଛି । ଏହି କାର୍ଯ୍ୟକ୍ରମରେ ଗୁଡାରୀ ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନିଶା ଦାସ ଉପସ୍ଥିତ ରହି ଉପସ୍ଥିତ କମିଟି ସଦସ୍ୟମାନଙ୍କୁ ଏ ସମ୍ପର୍କରେ ସଚେତନତା କରାଇଥିଲେ । କିପରି ସେମାନେ ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତକୁ ଯାଇ ସମସ୍ତଙ୍କୁ ଏଦିଗରେ ସଚେତନ କରାଇବେ ସେ ସମ୍ପର୍କରେ ଆଲୋଚନା କରିଥିଲେ । ଗୁଡ଼ାରୀ ବ୍ଲକର ପ୍ରତ୍ୟେକ ପଞ୍ଚାୟତର ଜନସାଧାରଣଙ୍କୁ ଏହି ବିଏସକେୱାଇ ନବୀନ କାର୍ଡ ବିଷୟରେ ବୁଝାଇବା ସହ ଆବଶ୍ୟକ କାଗଜପତ୍ର ନେଇ ଯେମିତି ସମସ୍ତେ ଅନ୍ତର୍ଭୁକ୍ତ ହୋଇପାରିବେ ଉପସ୍ଥିତ କମିଟି ମେମ୍ବରମାନଙ୍କୁ ଏହି କାର୍ଯ୍ୟକ୍ରମରେ କୁହାଯାଇଥିଲା । ଏହି ବୈଠକରେ ବିପିସି କ୍ରାନ୍ତି ପାଢ଼ୀ, ବିପିଏମ୍ ମାନସ ରଞ୍ଜନ ବାରିକ ପ୍ରମୁଖ ଉପସ୍ଥିତ ଥିବା ବେଳେ ଗୁଡ଼ାରୀ ବ୍ଲକ୍ର ୯ ଟି ପଞ୍ଚାୟତର ୩୬ ଜଣ ମହାସଂଘର କାର୍ଯ୍ୟକାରୀ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ ।

# ୫ ମାସ ହେଲା ସ୍ୱତନ୍ତ୍ର ଟ୍ରେଜେରୀରେ ଷ୍ଟାମ୍ପ୍ ପେପରର ଅଭାବ

**ଜୟପୁର,୧୦।୧(ସମିସ)**

କୋରାପୁଟ ଜିଲ୍ଲା ଜୟପୁରଠାରେ ସ୍ୱତନ୍ତ୍ର ଟ୍ରେଜେରୀ ରହିଥିଲେ ସୁଦ୍ଧା ଗତ ୫ ମାସ ହେଲାଣି ଦଲିଲ ଷ୍ଟାମ୍ପ୍ ପେପର ଅଭାବ ଯୋଗୁଁ କାରବାର ପ୍ରଭାବିତ ହେବା ସହିତ ସରକାରଙ୍କ ରାଜସ୍ୱ ଆଦାୟ ମଧ ପ୍ରଭାବିତ ହୋଇଛି । ଏଥିରେ ମୁଖ୍ୟତଃ ୨୦, ୫୦ ଏବଂ ୧୦୦ ଟଙ୍କିଆ ଷ୍ଟାମ୍ପ୍ ପେପର ଆଦୌ ନ

**● କାରବାର ପ୍ରଭାବିତ; ରାଜସ୍ୱହାନି ଅଭିଯୋଗ**

ଥିବାବେଳେ ୧୦ ଟଙ୍କିଆ ଅଳ୍ପ ସଂଖ୍ୟକ ରହିଛି । ଷ୍ଟାମ୍ପ ପେପର ଅଭାବ ଯୋଗୁଁ ଦଲିଲ କାରବାର, ବିଭିନ୍ନ ଜମିଜମା ରେଜିଷ୍ଟ୍ରେସନ ଏବଂ ଅନ୍ୟାନ୍ୟ ଚୁକ୍ତିନାମା, ସତ୍ୟପାଠରେ ସମସ୍ୟା ସୃଷ୍ଟି ହେଉଛି । ଏହା ଦ୍ୱାରା ସରକାରଙ୍କ ରାଜସ୍ୱ ହାନୀ ହେବା ସହ ସାଧାରଣ ଲୋକ ହନ୍ତସନ୍ତ ହେଉଛନ୍ତି ବୋଲି ବୁଦ୍ଧିଜୀବୀ ଏବଂ କିଛି ଆଇନଜୀବୀମାନେ ଅଭିଯୋଗ କରିଛନ୍ତି ।




ଜୟପୁର ଟ୍ରେଜେରୀରୁ ଗତ ଜୁଲାଇ ମାସର ୨୦ ଟଙ୍କା ଏବଂ ଅଗଷ୍ଟ ମାସର ୫୦ ଓ ୧୦୦ ଟଙ୍କିଆ ଷ୍ଟାମ୍ପ ପେପର ଷ୍ଟାମ୍ପ ଭେଣ୍ଡରମାନଙ୍କୁ ପ୍ରଦାନ କରାଯାଇଥିଲା । କିନ୍ତୁ ଉକ୍ତ ଦିନଠାରୁ ଦୀର୍ଘ ୫ରୁ ୬ ମାସ ହେଲାଣି ସ୍ୱତନ୍ତ୍ର ଟ୍ରେଜେରୀ ପକ୍ଷରୁ ଷ୍ଟାମ୍ପ ଭେଣ୍ଡରଙ୍କୁ ଉକ୍ତ ଷ୍ଟାମ୍ପ ପେପର ପ୍ରଦାନ କରାଯାଇନାହିଁ । ଜିଲ୍ଲାର କୋରାପୁଟ, ଲକ୍ଷ୍ମୀପୁର, ପଟାଙ୍ଗି ଏବଂ ପଡ଼ୋଶୀ ଜିଲ୍ଲାର ଟ୍ରେଜେରୀଗୁଡ଼ିକରେ ଏହି ଷ୍ଟାମ୍ପ ପେପରଗୁଡ଼ିକ ଷ୍ଟାମ୍ପ ଭେଣ୍ଡରଙ୍କୁ ପ୍ରଦାନ କରାଯାଇଥିବାବେଳେ ଜୟପୁର ସ୍ୱତନ୍ତ୍ର ଟ୍ରେଜେରୀ ପକ୍ଷରୁ ଭେଣ୍ଡରଙ୍କୁ ଷ୍ଟାମ୍ପ ପେପର ପ୍ରଦାନ କରିବାରେ ଦେଖାଦେଉଥିବା ସମସ୍ୟାର କାରଣକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଜୟପୁର ସହର ଏବଂ ଜିଲ୍ଲା ବାହାରୁ ଷ୍ଟାମ୍ପ୍ ଅଣାଯାଇ ଏଠାରେ ରେଜିଷ୍ଟ୍ରେସନ୍, ଚୁକ୍ତିନାମା ପ୍ରଭୃତି କାର୍ଯ୍ୟ କରାଯାଇଛି । କିନ୍ତୁ ସ୍ଥାନୀୟ ପ୍ରତିକାର ପ୍ରତି ଟ୍ରେଜେରୀ ଅଧିକାରୀ କିମ୍ବା ପ୍ରଶାସନ ଦୃଷ୍ଟି ଦେଉନାହାନ୍ତି । ଫଳରେ ନିର୍ଦ୍ଧାରିତ ଷ୍ଟାମ୍ପ ଦରଠାରୁ ପ୍ରାୟ ୨ ଗୁଣ ଏବଂ ଆବଶ୍ୟକ ସ୍ଥଳେ ଦରକୁ ବୃଦ୍ଧି କରାଯାଇ କଳାବଜାରୀ କରି ଷ୍ଟାମ୍ପ ବିକ୍ରି କରାଯାଉଥିବା ନେଇ ଅଭିଯୋଗ ହୋଇଛି । ଜୟପୁର ସ୍ୱତନ୍ତ୍ର ରେଜିଷ୍ଟ୍ରେସନ କାର୍ଯ୍ୟାଳୟ ରହିଥିବା ଯୋଗୁଁ ବହୁମାତ୍ରାରେ ରେଜିଷ୍ଟ୍ରେସନ ଏବଂ ଜିଲ୍ଲା କୋର୍ଟରେ ଦଲିଲ ପାଇଁ ଷ୍ଟାମ୍ପ ପେପର ଆବଶ୍ୟକତା ଅଧିକ ରହୁଛି । ଅନ୍ୟପକ୍ଷରେ ସ୍ୱତନ୍ତ୍ର ଟ୍ରେଜେରୀ ଦ୍ୱାରା ରାଜ୍ୟ କୋଷାଗାରକୁ ବରାଦ ଦିଆଯାଇଥିବା ନେଇ ଅଧିକାରୀ ସ୍ପଷ୍ଟୀକରଣ ଦେଉଛନ୍ତି । କିନ୍ତୁ ଏହି ଷ୍ଟାମ୍ପ ସମସ୍ୟାର ସମାଧାନ କରିବା ଏବଂ ଷ୍ଟାମ୍ପ କଳାବଜାରୀ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ସହିତ କାର୍ଯ୍ୟାନୁଷ୍ଠାନ କାହିଁକି ଗ୍ରହଣ କରାଯାଉନାହିଁ ବୋଲି ସାଧାରଣରେ ଅଭିଯୋଗ ହୋଇଛି । ଜୟପୁର ସହରରେ ଷ୍ଟାମ୍ପ ସମସ୍ୟାକୁ ନେଇ ପୂର୍ବରୁ ଆଇନଜୀବୀଙ୍କ ପକ୍ଷରୁ ଟ୍ରେଜେରୀ ଅଧିକାରୀ ଓ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା କୌଣସି ସମସ୍ୟାର ସମାଧାନ ହୋଇପାରିନାହିଁ । ୧୦ ଟଙ୍କିଆ ଷ୍ଟାମ୍ପର ଚାହିଦା ସତ୍ୟପାଠ ଏବଂ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ରହିଥିଲେ ସୁଦ୍ଧା ଏହା ଅଳ୍ପ ସଂଖ୍ୟକ ରହିଥିବା ଯୋଗୁଁ କାଁ ଭାଁ ମିଳୁଛି । ତେଣୁ ତୁରନ୍ତ ଜୟପୁର ସ୍ୱତନ୍ତ୍ର ଟ୍ରେଜେରୀ ପକ୍ଷରୁ ୨୦, ୫୦ ଏବଂ ୧୦୦ ଟଙ୍କା ଷ୍ଟାମ୍ପ ପେପର ଯୋଗାଇବାକୁ ଦାବି ହୋଇଛି । ଏନେଇ ଜୟପୁର ସ୍ୱତନ୍ତ୍ର କୋଷାଗାର ଅଧିକାରୀ ବିପିନ ବିହାରୀ ନାୟକ କହିଛନ୍ତି ଯେ ଏହି ସମସ୍ୟା ମାତ୍ର ୨ ମାସ ହେଲାଣି ଲାଗି ରହିଛି । ଉକ୍ତ ଷ୍ଟାମ୍ପ ନ ଥିବା ସହିତ ପ୍ରଦାନ କରିବାକୁ ରାଜ୍ୟ କୋଷାଗାରକୁ ବରାଦ କରାଯାଇଛି । ଆବଶ୍ୟକ ଅନୁଯାୟୀ ଜିଲ୍ଲା ଟ୍ରେଜେରୀରୁ ଅଣାଯାଉଥିବା ନେଇ ପ୍ରକାଶ କରିଛନ୍ତି ।

## ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର



**କୁନ୍ଦୁରା,୧୦।୧(ସମିସ):** କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଥିଲା। ଏଠାରେ ମୁଖ୍ୟ ଅତିଥି ଭାବେ କୁନ୍ଦୁରା ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଜେଶ୍ୱରୀ ପରଜା ଯୋଗ ଦେଇଥିବାବେଳେ ଏବିଡିଓ ରାମପ୍ରସାଦ ଦୋରା, ମାଣିକ ପଟ୍ଟନାୟକ, ଗୁରୁକୃଷ୍ଣ ନାୟକ, ରବିନ୍ଦ୍ର ପୂଜାରୀ ପ୍ରମୁଖ ଯୋଗଦେଇଥିଲେ। ଦଶମ ଶ୍ରେଣୀ ତଥା ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ଏବଂ ଏକାଦଶ ଶ୍ରେଣୀ କରି ପାଠ ପଢୁଥିବା ଯୁବତୀଯୁବକଙ୍କ ନିମନ୍ତେ ଏହି ନିଯୁକ୍ତି ଶିବିର ଏକ ସୁବର୍ଣ୍ଣ ସୁଯୋଗ ଯୋଗାଇଦେବ ବୋଲି ଏବିଡିଓ ରାମ ପ୍ରସାଦ ଦୋରା କହିଥିଲେ। ଏହି ଶିବିରରେ ପ୍ରାୟ ୧୦୦ ଜଣ ଯୁବକଯୁବତୀ ପଞ୍ଜୀକରଣ କରିଥିବାବେଳେ ବିଭିନ୍ନ ପ୍ରକାରର ନିଯୁକ୍ତି ମିଳିବା ନେଇ ଶିବିରରେ ପ୍ରତିଶ୍ରୁତି ମିଳିଥିଲା। ଏହି ଅବସରରେ କୋରାପୁଟ କର୍ମ ନିଯୋଜନ କେନ୍ଦ୍ର ଅଧିକାରୀ ଦିବ୍ୟଜ୍ୟୋତି ମହାପାତ୍ର, ଆମ୍ବାଗୁଡ଼ା ଆଇଟିଆଇ, ସିଏସଟିଆଇ କୋଟପାଡ଼, ଓଏସଡିଏ ଆମ୍ବାଗୁଡ଼ା ପଲିଟେକ୍ନିକ୍ ଯୋଗଦେଇ ଯୁବକଯୁବତୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱର୍ଣ୍ଣପ୍ରଭା କର୍କରା, ଅସମତୀ କରଲିଆ ପ୍ରମୁଖ ଯୋଗଦେଇଥିଲେ।

**ସାଂସଦ ଓ ବିଧାୟକଙ୍କ ଝରିଗାଁ ବ୍ଲକରେ ମାରାଥନ କାର୍ଯ୍ୟକ୍ରମ**

# ୪୮ କୋଟିର ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**ଝରିଗାଁ,୧୦।୧(ସମିସ):** ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝି ଏବଂ ଝରିଗାଁ ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ମାଝୀ ବୁଧବାର ଦିନିକିଆ ଝରିଗାଁ ବ୍ଲକକୁ ମାରାଥନ ଗସ୍ତ କରିଛନ୍ତି। ସାଂସଦ ଓ ବିଧାୟକ ବିଭିନ୍ନ ପଞ୍ଚାୟତ ଗସ୍ତ କରି ୪୮ କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହ ସ୍ଥାନୀୟ ଜନସାଧାରଣଙ୍କ ଅଭିଯୋଗ ଓ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ସର୍ବପ୍ରଥମେ ତେଲନଦି ଗ୍ରାମ ପଞ୍ଚାୟତ ଗସ୍ତ କରି ସ୍ଥାନୀୟ ନାଙ୍ଗଲସିଲ ନଦୀ ଉପରେ ୧ କୋଟି ୭୬ ଲକ୍ଷ ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାପରେ ୨୨କୋଟି ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଏକମ୍ବା ଗ୍ରାମ ପଞ୍ଚାୟତର ଗୋରମ୍ବାରୁ ପୂର୍ଲା ପର୍ଯ୍ୟନ୍ତ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ୭ କୋଟି ୬୧ ଲକ୍ଷ ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଭିକ୍ଷା ଗ୍ରାମ ପଞ୍ଚାୟତର ଚିଙ୍ଗୁଡ଼ିଗୁଡ଼ା ନଦୀ ଉପରେ ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାପରେ ୬ କୋଟି ୩୬ ଲକ୍ଷ ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ବାଣୁଆଗୁଡ଼ା ପଞ୍ଚାୟତର ସିନ୍ଧିଗୁଡ଼ାଠାରେ କୁହୁରାକୋଟଠାରୁ କଲେଗାଁ ପର୍ଯ୍ୟନ୍ତ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାପରେ ୬ କୋଟି ୨୮ ଲକ୍ଷ



ବ୍ୟୟ ଅଟକଳରେ ଡଙ୍ଗ୍ରିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ କସ୍ପାକୁଟାଲିରୁ ଚାରଗାଁ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଶେଷରେ ୩ କୋଟି ୪୦ ଲକ୍ଷ ବ୍ୟୟ ଅଟକଳରେ ଇଚ୍ଛାପୁରଠାରେ ଯୁନାଗୁଡ଼ାରୁ କର୍ଲାପଡ଼ା ନଦୀ ଉପରେ ନିର୍ମିତ ହେବାକୁ ଥିବା ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମୁଖ୍ୟ ଅତିଥି ନବରଙ୍ଗପୁର ସାଂସଦ ଶ୍ରୀ ମାଝି ଗ୍ରାମାଞ୍ଚଳର ଉନ୍ନତି ତଥା ସାଧାରଣ ଜନତାଙ୍କ ସର୍ବନିମ୍ନ ଆବଶ୍ୟକତାକୁ ରାଜ୍ୟ ସରକାର ସର୍ବଦା ପ୍ରାଥମିକତା ଦେଇ ଆସୁଥିବାବେଳେ ଦୁର୍ଗମ ଅଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟର ଧାରା ଆଗକୁ ବଢ଼ି ଚାଲିଥିବ ବୋଲି ନିଜର ମତ ରଖିଥିଲେ।

ସ୍ଥାନୀୟ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ରାଜ୍ୟ ସରକାର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଯୋଜନାରେ ଅନେକ ସୁବିଧା କରି ଆସୁଥିବାବେଳେ ଏହାର ଲାଭ ଉଠାନ୍ତୁ ବୋଲି ବୁଝାଇଥିଲେ। ସାଂସଦ ପ୍ରତିନିଧି ପ୍ରିୟରଞ୍ଜନ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିଗଣଙ୍କ ମଧ୍ୟରେ ବ୍ଲକ୍ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମାଝୀ, ବିଜେଡି ସଭାପତି ଟିକଚନ୍ଦ ମାଝୀ, ବିଧାୟକ ପ୍ରତିନିଧି ରାମଧର ମାଝୀ, ସରପଞ୍ଚ ମୋହନ ନାୟକ, ମନଦେଇ ମାଝି, ତ୍ରମିଳା ପୂଜାରୀ, ଜଗଦୀଶ ମାଝୀ, ଚମ୍ପାଲାଲ ପନକା, ଥବିର ପୂଜାରୀ, ତ୍ରିଲୋଚନ ପାଣ୍ଡେ, ସଦାଶିବ ପଟ୍ଟନାୟକ, ସମ୍ବାରୁ ପ୍ରଧାନୀ, ମାଧବ କଲାର, ପରମ ଗୌଡ଼, ବଂଶୀ ପନକା, ମାଧବ ଭତ୍ରା, ସୁଦର୍ ମାଝୀ, ମହମ୍ମଦ ଅନିସ, ଜଗତ କଲାର, ଦୁର୍ଯ୍ୟୋଧନ ମାଳି, ପ୍ରଦୀପ ବିଶ୍ୱାସ, ଲଛମା ଗଣ୍ଡ, ଚିତ୍ତ ପାଣ୍ଡେ, ମହେନ୍ଦ୍ର ପୂଜାରୀ, ମହେନ୍ଦ୍ର ନାୟକ, ଲଖି ଭତ୍ରା, ମାଧବ ଭତ୍ରା, ଚୈତନ୍ୟ ଗଣ୍ଡ, ଶ୍ୟାମସୁନ୍ଦର ନାୟକ, ବାସନ୍ତୀ ନାୟକ, ଅରୁଣ ସିଂ, ପିଙ୍କୁ କାହାଳିଆ, ଜୟା ରାଓ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ଚୋରି ବାଇକ୍ ଜବତ; ଅଭିଯୁକ୍ତ ଗିରଫ



**ଜୟପୁର,୧୦।୧(ସମିସ):** କୋରାପୁଟ ଜିଲ୍ଲା ଜୟପୁର ଟାଉନ୍ ଥାନା ପୁଲିସ ପକ୍ଷରୁ ଚୋରି ବାଇକ ଜବତ ମାମଲାରେ ଅନ୍ୟତମ ଦ୍ୱିତୀୟ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରାଯାଇଛି। ଗିରଫ ଦ୍ୱିତୀୟ ଅଭିଯୁକ୍ତ ବୈପାରୀଗୁଡ଼ା ଥାନା ଦଶମନ୍ତପୁର ଗ୍ରାମର ଭିକି ବାରିକ (୨୧)। ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ରଙ୍କ ସୂଚନା ଅନୁଯାୟୀ, ଗତ ଡିସେମ୍ବର ୧୨ ତାରିଖରେ ବି.ସିଙ୍ଗପୁର ଥାନା ଟେଙ୍କର ଗ୍ରାମର ଯୁବକ ଗୋରା ମାଝିଙ୍କ ବାଇକ ସ୍ଥାନୀୟ ନୂଆସାହି ଭିଆଇପି ଲାଇନ ଅପସରା ହୋଟେଲ ସମ୍ମୁଖରୁ ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୁଲିସ ସିସିଟିଭି ଦୃଶ୍ୟକୁ ଦେଖି ତଦନ୍ତ ଆରମ୍ଭ କରିଥିଲେ। ଶେଷରେ କୌଣସି ସୂତ୍ରରୁ ଖବର ପାଇ ଅଭିଯୁକ୍ତମାନଙ୍କୁ ଠାବ କରାଯାଇଥିଲା। ଏହି ବାଇକ୍ ଚୋରି ମାମଲାରେ ଗତ ରବିବାର ବୈପାରୀଗୁଡ଼ା ଥାନା ଦଶମନ୍ତପୁର ଗ୍ରାମର ସୁଜନ ନାୟକ ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ପୁଲିସ ପ୍ରଥମ ଅଭିଯୁକ୍ତଙ୍କୁ ତାଙ୍କ ଗ୍ରାମରୁ ଗିରଫ କରିବା ସହ ଚୋରି ବାଇକକୁ ଉଦ୍ଧାର କରିଥିଲେ। ବୁଧବାର ଦ୍ୱିତୀୟ ଅଭିଯୁକ୍ତ ଭିକି ବାରିକକୁ ସ୍ଥାନୀୟ ପଠାଣସାହି ଅଞ୍ଚଳରେ ଭଡ଼ାଗୃହରେ ରହୁଥିବାବେଳେ ତାଙ୍କୁ ଟାଉନ ଥାନା ପୁଲିସ ଗିରଫ କରିବା ସହ କୋର୍ଟ ଚାଲାଣ କରିଛନ୍ତି। ଏନେଇ ଥାନାରେ ଏକ ବାଇକ ଚୋରି ମାମଲା (୩୯୨/୨୩) ରୁଜୁ ହୋଇଥିଲା।

## ଶିକ୍ଷକଙ୍କ ପତ୍ନୀଙ୍କ ମୃତଦେହ ଉଦ୍ଧାର

**ପାରିବାରିକ କଳହରୁ ଆତ୍ମହତ୍ୟା ସନ୍ଦେହ**

**ବନ୍ଧୁଗାଁ,୧୦।୧(ସମିସ):** କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ କୁମ୍ଭାରିପୁଟ ପଞ୍ଚାୟତ ସଦର ଗାଁରେ ଜଣେ ଶିକ୍ଷକଙ୍କ ସ୍ତ୍ରୀ ଆତ୍ମହତ୍ୟା କରିଛନ୍ତି। ମୃତକ ଜଣକ ଶିକ୍ଷକ ପ୍ରଦୀପ କୁମାର ପ୍ରଧାନଙ୍କ ସ୍ତ୍ରୀ ସୌଦାମିନୀ ପାତ୍ର(୨୫) ବୋଲି ଜଣାପଡ଼ିଛି। ତେବେ ପାରିବାରିକ କଳହରୁ ସୌଦାମିନୀ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଥିବାବେଳେ ଏନେଇ ଶିକ୍ଷକ ପ୍ରଦୀପ ବୁଧବାର ବନ୍ଧୁଗାଁ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା (୩/୨୪) ରୁଜୁ କରି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ସୂଚନା ଅନୁସାରେ, କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରଦୀପ କୁମାର ପ୍ରଧାନ ୫ ବର୍ଷ ତଳେ ସୌଦାମିନୀ ପାତ୍ରଙ୍କୁ ବିବାହ କରିଥିଲେ। ଉଭୟ ସ୍ୱାମୀ ଓ ସ୍ତ୍ରୀ ଭିନ୍ନକ୍ଷମ ହୋଇଥିବାବେଳେ ତାଙ୍କ ପୁଅ ମଧ୍ୟ ଜନ୍ମରୁ ମାନସିକ ବିକୃତ ହୋଇଥିଲେ। ଏହାକୁ ନେଇ ସ୍ୱାମୀ-ସ୍ତ୍ରୀ ଚିନ୍ତାରେ ରହିଥିଲେ। ପ୍ରଦୀପ ନିଲାବାଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି। ମଙ୍ଗଳବାର ବନ୍ଧୁଗାଁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ କୌଣସି ଏକ କାମରେ ପ୍ରଦୀପ ଯାଇଥିବାବେଳେ ତାଙ୍କ ପତ୍ନୀ ସୌଦାମିନୀ ନିଜ ମାନସିକ ବିକୃତ ପୁଅକୁ ଏକ କୋଠରିରେ ବନ୍ଦ କରି ସେ ଆତ୍ମହତ୍ୟା କରିଥିଲେ। ପ୍ରଦୀପ ଘରେ ପହଞ୍ଚିବା ପରେ ତାଙ୍କ ସ୍ତ୍ରୀ ଆତ୍ମହତ୍ୟା କରିଥିବା ଜାଣିବାକୁ ପାଇଥିଲେ। ମଙ୍ଗଳବାର ରାତି ସମୟରେ ସେ ବନ୍ଧୁଗାଁ ଥାନାରେ ଏନେଇ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗ ପାଇବା ପରେ ଥାନା ଅଧିକାରୀ ପ୍ରସନ୍ନ କୁମାର ମିଶ୍ର ଘଟଣାସ୍ଥଳରେ ପହଞ୍ଚି ପ୍ରଦୀପଙ୍କ ସହିତ ଆଲୋଚନା କରି ଫେରି ଆସିଥିଲେ। ବୁଧବାର ତଦନ୍ତକାରୀ ଅଧିକାରୀ ଏସଆଇ ବିଜୟ ରାଜ ମାଝି ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମାଜିଷ୍ଟ୍ରେଟ୍ ତଥା ତହସିଲଦାର ସୋନାଲି ପାତ୍ରଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ତେବେ କିଛିଦିନ ତଳେ ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ ସମସ୍ୟାକୁ ନେଇ କଳହ ଲାଗିଥିବା ଦେଖିବାକୁ ମିଳିଥିଲା। ଉକ୍ତ ପାରିବାରିକ କଳହ ଯୋଗୁଁ ସ୍ତ୍ରୀ ସୌଦାମିନୀ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୁଲିସ ସନ୍ଦେହ କରୁଥିବା ଜଣାପଡ଼ିଛି।

## ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ବଣ୍ଟନ



**ନବରଙ୍ଗପୁର,୧୦।୧(ସମିସ):** ବୁଧବାର ନବରଙ୍ଗପୁର ଜିଲ୍ଲା ଶାଖା ରେଡକ୍ରସ ସୋସାଇଟି ପକ୍ଷରୁ ନବରଙ୍ଗପୁର ଜିଲ୍ଲାପାଳ ତଥା ଅଧ୍ୟକ୍ଷ ଜିଲ୍ଲା ରେଡକ୍ରସ ଡ. କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଯକ୍ଷ୍ମା ରୋଗୀଙ୍କୁ ମାଗଣାରେ ପୁଷ୍ଟିକର ଖାଦ୍ୟ ବଣ୍ଟନ କରାଯାଇଥିଲା। ପ୍ରକାଶ ଥାଉକି, ରାଜ୍ୟ ରେଡକ୍ରସ ସୋସାଇଟି ପକ୍ଷରୁ ଛଅ ମାସ ପର୍ଯ୍ୟନ୍ତ ମାଗଣାରେ ପୁଷ୍ଟିକର ଖାଦ୍ୟ ଯୋଗାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହା ପ୍ରତି ମାସରେ ଯୋଗାଇ ଦିଆଯିବ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. କାଳିପ୍ରସାଦ ବେହେରା, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ସୁକାନ୍ତ କୁମାର ଶତପଥୀ, ଜିଲ୍ଲା ଜରୁରିକାଳୀନ ଅଧିକାରୀ ଡ. ଅମୃତ ରାଉଳ, ପି. ମନସ୍ମିତା, ଜୁନିୟର ରେଡକ୍ରସ ଅଧିକାରୀ ନାରାୟଣ ପାଇକରାୟ, ଯୁବ ରେଡକ୍ରସ ସଂଯୋଜକ ଅଖିଳ ଭଞ୍ଜ, ରାଜସ୍ୱ ଅଧିକାରୀ ଆଶୁତୋଷ ପାତ୍ର, ଜୀ ଶ୍ରୀନୁ, ବିନାୟକ ଖାଡ଼ଙ୍ଗା, ଶିବଶଙ୍କର ପାଢ଼ୀ, ଆଶ୍ୱିନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଜରୁରିକାଳୀନ ବିଭାଗର ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ ପରିଚାଳନା କରିଥିଲେ।

## ଗୁଣିଗାରେଡ଼ିକୁ ନେଇ ହତ୍ୟା ଅଭିଯୋଗ

**ମାଲକାନଗିରି,୧୦।୧(ସମିସ):** ମାଲକାନଗିରି ଜିଲ୍ଲାରେ ପୁଣି ଗୁଣିଗାରେଡ଼ିକୁ ନେଇ ଜଣେ ବ୍ୟକ୍ତିଙ୍କୁ ଗଳାକାଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ମାଲକାନଗିରି ଆଦର୍ଶ ଥାନା ଅନ୍ତର୍ଗତ ତଣ୍ଡାପାଲ୍ଲୀ ଗ୍ରାମର ଲକ୍ଷ୍ମା କବାସୀ (୫୫)ଙ୍କୁ ଡାକି ନେଇ ଗୁଣିଗାରେଡ଼ି କରୁଥିବା ସନ୍ଦେହ କରି କିଛି ଦୁର୍ବୃତ୍ତ ମଙ୍ଗଳବାର ତାଙ୍କ ବେକକୁ ଧାରୁଆ ଅସ୍ତ୍ରରେ କାଟିଦେଇଥିଲେ। ମୃତଦେହକୁ ନେଇ ଗ୍ରାମ ନିକଟରେ ସାବେରୀ ନଦୀରେ ଫୋପାଡ଼ି ଦେଇଥିଲେ। ସୋମବାର ରାତିରେ ଲକ୍ଷ୍ମା ଘରକୁ ଫେରି ନ ଥିବାବେଳେ ପରିବାର ଲୋକେ ଖୋଜାଖୋଜି କରିଥିଲେ କିନ୍ତୁ ପାଇପାରି ନ ଥିଲେ। ବୁଧବାର ସାବେରୀ ନଦୀରେ ଗୋଟିଏ ମୃତଦେହ ଭାସୁଥିବା ଦେଖି ମାଲକାନଗିରି ଆଦର୍ଶ ଥାନାକୁ ଖବର ଦେଇଥିଲେ। ମାଲକାନଗିରି ଏସଡିପିଓ ସଚିନ ପଟେଲ, ଥାନା ଅଧିକାରୀ ରିଗାନ କିଣ୍ଡୋ, ଏସଆଇ ପ୍ରଭାତ ଗୌଡ଼ ଓ ପୁଲିସ ଟିମ୍ ଘଟଣାସ୍ଥଳକୁ ଯାଇଥିଲେ। ପାଣିରୁ ଲକ୍ଷ୍ମାଙ୍କ ମୃତଦେହକୁ ଜବତ କରିଥିବାବେଳେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛନ୍ତି। ଗୁରୁବାର ଶବ ବ୍ୟବଚ୍ଛେଦ କରାଯିବ ଓ ସାଇଣ୍ଟିଫିକ୍ ଟିମ୍ ଆସିବ ବୋଲି ଜଣାପଡ଼ିଛି। ପରିବାର ବର୍ଗଙ୍କ ଅଭିଯୋଗକ୍ରମେ ପୁଲିସ ଥାନାରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ରିଗାନ କିଣ୍ଡୋ କହିଛନ୍ତି। ତେବେ ଏହି ହତ୍ୟାକାଣ୍ଡ ଗୁଣିଗାରେଡ଼ି ଯୋଗୁଁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବାବେଳେ ତଦନ୍ତ ଶେଷ ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ।

## ସାଦାମ ପଞ୍ଚାୟତକୁ ପଟ୍ଟାଙ୍ଗି ବିଧାୟକଙ୍କ ପରିଦର୍ଶନ

**ସେମିଳିଗୁଡ଼ା,୧୦।୧(ସମିସ):** କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ବ୍ଲକର ଦୁର୍ଗମ ଅଞ୍ଚଳର ସାଦାମ ପଞ୍ଚାୟତକୁ ପଟ୍ଟାଙ୍ଗି ବିଧାୟକ ପିତମ ପାଢ଼ି ପରିଦର୍ଶନ କରିଥିଲେ। ରାଜ୍ୟ ସରକାରଙ୍କ ଉନ୍ନୟନ କାର୍ଯ୍ୟ ଉପରେ ଲୋକଙ୍କୁ ସେ ସଚେତନ କରିଥିଲେ। ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମକୁ ପରିଦର୍ଶନ କରି ଉକ୍ତ ଅଞ୍ଚଳରେ ଚାଲୁଥିବା ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଲୋକଙ୍କ ସହ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସମସ୍ୟାର ସମାଧାନ କରିବା ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ସୁବିଧା ଠିକ୍ ସମୟରେ ମିଳୁଛି କି ନାହିଁ ତାହା ପଚାରି ବୁଝିଥିଲେ। ଉକ୍ତ ଅଞ୍ଚଳରେ ଚାଲୁଥିବା ରାସ୍ତା କାମକୁ ତଦାରଖ କରିଥିଲେ। ଯାଉଥିବାବେଳେ ବାଟରେ ଛାତ୍ରୀମାନଙ୍କ ସହ ବିଧାୟକ ଶ୍ରୀ ପାଢ଼ି ଆଲୋଚନା କରି ଭଲ ଶିକ୍ଷା ଲାଭ କରିବା ପାଇଁ ପରାମର୍ଶ ଦେଇଥିଲେ। ଶିକ୍ଷା କିପରି ଜାରି ରହିଛି ସେନେଇ ଛାତ୍ରଛାତ୍ରୀଙ୍କୁ ପ୍ରଶ୍ନ ମଧ୍ୟ କରିଥିଲେ। ଜଙ୍ଗରଦା ଗ୍ରାମରେ ଜଣେ ବୃଦ୍ଧ ମହିଳାଙ୍କୁ ବିଧାୟକ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଗାଁର କୁମ୍ଭାରମାନଙ୍କ ସହ କଥାବାର୍ତ୍ତା କରି ତାଙ୍କର ସମସ୍ୟା ଉପରେ ଆଲୋଚନା କରିଥିଲେ। ବ୍ଲକର ଦୁର୍ଗମ ଅଞ୍ଚଳ ବିଧାୟକ ପରିଦର୍ଶନବେଳେ ସାଙ୍ଗରେ ବିଜେଡି କର୍ମୀମାନେ ଯୋଗଦେଇଥିଲେ। ବିଧାୟକ ଶ୍ରୀ ପାଢ଼ିଙ୍କୁ ଅଞ୍ଚଳବାସୀ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।



## ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପ୍ରତିଯୋଗିତା

**ଜୟପୁର,୧୦।୧(ସମିସ):** ଉପର କୋଲାବ ଜଳସମ୍ପଦ ବିଭାଗର ବିଭାଜନ କୋଲାବ ନଗର ଓ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ମିଳିତ ଉଦ୍ୟମରେ ଜୟପୁର ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ-୨୦୨୪ ପାଳନ ଅବସରରେ ବକ୍ତୃତା, ପ୍ରବନ୍ଧ, କୁଇଜ୍, ଚିତ୍ରାଙ୍କନ ଏବଂ ମଡେଲ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଉପର କୋଲାବ ପ୍ରକଳ୍ପ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ବି. କୋଣ୍ଡାଲ ରାଓ, ଉପର କୋଲାବ ମୁଖ୍ୟ ବନ୍ଧ ବିଭାଜନ କୋଲାବ ନଗରର ଅଧୀକ୍ଷଣ ଯନ୍ତ୍ରୀ ନୀଳମଣି ଜ୍ଞାନଚାନ୍ଦ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଶକ୍ତି ସାମନ୍ତ ଭୂୟାଁ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରସନ୍ନ କୁମାର ଗୌଡ଼, ସହକାରୀ ଯନ୍ତ୍ରୀ ରଜନୀକାନ୍ତ ମିଶ୍ର ଏବଂ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ




ଜୟପୁର ବ୍ଲକ, ବୈପାରିଗୁଡ଼ା ବ୍ଲକ୍ ଏବଂ ଲମତାପୁଟ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ମୋଟ ୩୭ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରୁ କୁଇଜ୍ ପ୍ରତିଯୋଗିତାରେ ଜୟପୁର ବିଜ୍ଞାନ ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ର ଆକାଶ ପ୍ରଧାନ, ବିତର୍କ ପ୍ରତିଯୋଗିତାରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶୁଭଶ୍ରୀ ହନ୍ତାଳ, ପ୍ରବନ୍ଧ ପ୍ରତିଯୋଗିତାରେ ଶାରଦା ବିହାର ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ଦିବ୍ୟାଶ୍ରୀ ଦେବୀଶକ୍ତି, ଚିତ୍ରାଙ୍କନରେ ପ୍ରକାଶ ବିଦ୍ୟାଳୟ ଛାତ୍ର ଅଭିରାଜ ମିଶ୍ର ଏବଂ ମଡେଲ ପ୍ରଦର୍ଶନୀରେ ବୈପାରୀଗୁଡ଼ା ବ୍ଲକ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ର ସିଦ୍ଧାର୍ଥ ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରକୁ ଯୋଗ୍ୟ ବିବେଚିତ ହୋଇଥିଲେ। ବିଭିନ୍ନ ପ୍ରତିଯୋଗିତାର ବିଚାରକ ଭାବେ ଡ. ଜ୍ୟୋତ୍ସ୍ନା ମିଶ୍ର, ପ୍ରଭାତ କୁମାର ରଥ, ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ସୁସ୍ମିତା ରଥ, ବିଶ୍ୱରଞ୍ଜନ ଗୌଡ଼, ରଶ୍ମିପ୍ରଭା ମିଶ୍ର, ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ନୃସିଂହ ପ୍ରସାଦ ଷଡ଼ଙ୍ଗୀ, ପ୍ରଭାକର ମହାରଣା, ପି. ଶ୍ରୀନିବାସ, ସୁବର୍ଣ୍ଣ କୁମାରୀ ଖିଲ ଏବଂ ସବିତା ପଟ୍ଟନାୟକ ଯୋଗଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ଯଜ୍ଞେଶ୍ୱର ପଣ୍ଡା ପରିଚାଳନା କରିଥିଲେ।

## ତେନ୍ତୁଲିଖୁଣ୍ଟିରେ ଅକ୍ଷତ ଓ ନିମନ୍ତ୍ରଣ ବଣ୍ଟନ

**ତେନ୍ତୁଲିଖୁଣ୍ଟି,୧୦।୧(ସମିସ):** ଅଯୋଧ୍ୟାରୁ ଆସିଥିବା ଅକ୍ଷତ ଓ ନିମନ୍ତ୍ରଣ ବୁଧବାର ତେନ୍ତୁଲିଖୁଣ୍ଟି ଗ୍ରାମର ସମସ୍ତ ପରିବାର ମଧ୍ୟରେ ବଣ୍ଟନ କରାଯାଇଛି। ଆସନ୍ତା ୨୨ ତାରିଖରେ ଆରାଧ୍ୟ ଦେବତା ପ୍ରଭୁ ରାମଚନ୍ଦ୍ରଙ୍କ ମନ୍ଦିର ପ୍ରତିଷ୍ଠା ଅବସରରେ ଅଯୋଧ୍ୟାରୁ ଗତ ୩୧ ତାରିଖ ଦିନ ଅକ୍ଷତ ଓ ନିମନ୍ତ୍ରଣ ଆସି ପହଞ୍ଚିଥିଲା। ଅକ୍ଷତ ଓ ନିମନ୍ତ୍ରଣକୁ ଭବ୍ୟ ସ୍ୱାଗତ କରି ତେନ୍ତୁଲିଖୁଣ୍ଟି ଦୁର୍ଗା ମଣ୍ଡପ ପରିସରରେ ରଖାଯାଇଥିଲା। ବୁଧବାର ଏକ ପଟୁଆର ମାଧ୍ୟମରେ ଶ୍ରୀରାମଙ୍କ ରଥ ନାମ ସଂକୀର୍ତ୍ତନ ସହ ଗ୍ରାମ ପରିକ୍ରମା କରି ସମସ୍ତ ସନାତନୀ ପରିବାରଙ୍କ ଘର ନିକଟରେ ପହଞ୍ଚିଥିଲା। ଗ୍ରାମର ସମସ୍ତ ସନାତନୀ ପରିବାର ସମ୍ମୁଖରେ କୁମ୍ଭ କଳସ ସହ ଅର୍ଘ୍ୟ ଚାଉଳ ଦେଇ ପ୍ରଭୁ ରାମଚନ୍ଦ୍ରଙ୍କ ଅକ୍ଷତ କଳସକୁ ବନ୍ଦାପନା କରାଯାଇଥିଲା। ଅନ୍ୟପଟେ ଅକ୍ଷତ ଓ ନିମନ୍ତ୍ରଣ ସମସ୍ତ ପରିବାରଙ୍କୁ ପ୍ରଦାନ କରି ପୂଜା କରିବା ସହ ୨୨ ତାରିଖ ଦିନ ନିଜ ଘରେ ୫ଟି ଦୀପ ପ୍ରଜ୍ୱଳନ କରିବା ପାଇଁ କୁହାଯାଇଥିଲା। ଏହି ଅବସରରେ ସମଗ୍ର ତେନ୍ତୁଲିଖୁଣ୍ଟି ଗ୍ରାମ ଜୟ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା।



